## ସଂକ୍ଷେପରେ

### ‘କିରାଣି ଓ ଜନପ୍ରତିନିଧିଙ୍କ ସମ୍ପର୍କର ପର୍ଦ୍ଦାଫାଶ୍ କରୁ ଭିଜିଲାନ୍ସ’



**ଜଳେଶ୍ୱର,୨୭।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ସହର ନୂଆବଜାର ସ୍ଥିତ ଜଳେଶ୍ୱର ମହିଳା ମହାବିଦ୍ୟାଳୟର କୋଟିପତି କିରାଣି ତରଣୀ କୁମାର ଭୂୟାଁ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଏବେ ବାଲେଶ୍ୱର ଜେଲ ହାଜତରେ। ଜଣେ ଜନପ୍ରତିନିଧିଙ୍କ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ଥିବା ପଦାକୁ ଆସିଥିବାରୁ ଭିଜିଲାନ୍ସ ଏହାର ତଦନ୍ତ କରି ପର୍ଦ୍ଦାଫାସ୍ କରୁ ବୋଲି ସ୍ଥାନୀୟ ବାସନ୍ତିପଡ଼ିଆ ସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଭାଜପା ତରଫରୁ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ଏହି କିରାଣିଙ୍କ ମାଲିକାନାରେ ଥିବା ଏକ ଦାମୀ ଗାଡ଼ିକୁ ଏହି ଜନପ୍ରତିନିଧି ବ୍ୟବହାର କରିବା ନେଇ ଆପତ୍ତି ଉଠାଇଛି ଭାଜପା । ସମ୍ପୃକ୍ତ ଜନପ୍ରତିନିଧିଙ୍କ ନାଁରେ ପିସି ଆଦାୟ କରାଯିବା ଘଟଣାର ଅଧିକ ଖୋଳତାଡ଼ କରି ତାଙ୍କୁ ମାମଲା ପରିସରଭୁକ୍ତ କରିବାକୁ ଭାଜପାର ମିଡ଼ିଆ ସଂଯୋଜକ ସୁବ୍ରତ ଘୋଷ, ଯୁବମୋର୍ଚ୍ଚାର ଜିଲା ସମ୍ପାଦକ ମାନସ ପାଠୀ, ସଂଯୋଜକ ଫାଲଗୁନୀ ପାଣିଗ୍ରାହୀ, ୮ ନଂ. ଜୋନ୍ ସୁବର୍ଣ୍ଣରେଖା ମଣ୍ଡଳର ସଭାପତି ବିଶ୍ୱରୂପ ଦାସ, ନେତା କୁଞ୍ଜବିହାରୀ ଦେ ପ୍ରମୁଖ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି।

### ପିକ୍ଅପ୍‌ରୁ ଖସି ହେଲ୍‌ପର ମୃତ

**ସଜନାଗଡ, ୨୭।୭(ଡି.ଏନ.ଏ.):** ନୀଳଗିରି ଜଡ଼ିବାଲିଠାରେ ଥିବା ଜେ.ଡ଼ି. ଇଟାଭାଟିରୁ ଏକ ପିକ୍ଅପ (ଓ.ଡି.୦୧ଜେ-୪୩୫୪) ଇଟା ବୋଝେଇ କରି ଆଣୁଥିବା ବେଳେ ବରହମପୁର ଥାନା ଗରଡ଼ିହି ଚନ୍ଦ୍ରପୁର ଠାରେ ହେଲପର ମିତ୍ରପୁର କାଠଗୋଛି ଗ୍ରାମର ବିଜୟ ସିଂ ଶୌଚ ପାଇଁ ତଳକୁ ଓହ୍ଲାଇଥିଲେ। ସେ ଶୌଚ କରି ଗାଡ଼ିରେ ଚଢ଼ୁଥିବା ବେଳେ ହଠାତ୍ ରାସ୍ତା ଉପରେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ, ପିଠି ଓ ହାତରେ ଗଭୀର ଆଘାତ ଲାଗିଥିବା ବେଳେ ଡ୍ରାଇଭର ତଥା ମାଲିକ ଲଳିତ୍ କୁମାର ଏକ ଅଟୋରେ ନୀଳଗିରି ମେଡ଼ିକାଲ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଜୟଙ୍କ ମୃତ୍ୟୁ ହୋଇଛି। ବରହମପୁର ପୋଲିସଶନିବାର ନୀଳଗିରି ମେଡ଼ିକାଲରେ ମୃତଦେହ ବ୍ୟବଚ୍ଛେଦ କରାଇବା ସହ ବରହମପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୬/୧୯) ରୁଜୁ କରିଛି। ଏହାର ତଦନ୍ତ ଜାରି ରହିଥିବା ଓଆଇସି ଅଜୟ ମୁର୍ମୁ ସୂଚନା ଦେଇଛନ୍ତି।

ଆଜି କ’ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବାଲିଆପାଳରେ ପୋଲିସ ଛାଉଣୀ

**ବାଲିଆପାଳ, ୨୭।୭(ଡି.ଏନ.ଏ.)**

ବାଲିଆପାଳ ଇଡକୋ ଛକରେ ରାଜଧାନୀ ଢାବା ଓ ହୋଟେଲରେ ଶୁକ୍ରବାର ନାବାଳକଙ୍କୁ ହତ୍ୟା ଅଭିଯୋଗକୁ କେନ୍ଦ୍ର କରି

**ଥମୁନି ଉତ୍ତେଜନା**
- ୨ ଢାବା କର୍ମଚାରୀ ଅଟକ
- ଉଲୁଡାରେ ରାସ୍ତାରୋକୋ



ଆନ୍ଦୋଳନକାରୀମାନେ ବାଲିଆପାଳ-କମର୍ଦ୍ଦା ରାସ୍ତାକୁ ଅବରୋଧ କରିଛନ୍ତି।

ବାଲିଆପାଳରେ ଉତ୍ତେଜନା ଥମିବାର ନାଁ ନେଉନି। ଏହି ଘଟଣାରେ ପୋଲିସ ୨ଜଣ ଢାବା କର୍ମଚାରୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟପକ୍ଷରେ ମୃତକଙ୍କ ପରିବାର ଲୋକଙ୍କୁ ନ ଜଣାଇ ମୃତଦେହ ବ୍ୟବଚ୍ଛେଦ କରାଯାଇଥିବାରୁ ଶନିବାର ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶହ ଶହ ଲୋକ ନାଚିନ୍ଦା ସରପଞ୍ଚଙ୍କ ପ୍ରତିନିଧି ସୁବାଷ ଚାନ୍ଦଙ୍କ ନେତୃତ୍ୱରେ ଉଲୁଡା ଛକରେ ପହଞ୍ଚି ଆମ୍ବୁଲାନ୍ସକୁ ଅଟକ ରଖିବା ସହିତ ସେଥିରେ ଥିବା ୨ ଜଣ ପୋଲିସ କର୍ମଚାରୀଙ୍କୁ ଅଟକାଇଥିଲେ। ଆନ୍ଦୋଳନକାରୀମାନେ ବାଲିଆପାଳ-କମର୍ଦ୍ଦା ରାସ୍ତାକୁ ଅବରୋଧ କରି ମୃତ ବିଜୟଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ୨୦ ଲକ୍ଷ ଟଙ୍କା ଦାବି କରିଥିଲେ। ଘଟଣାସ୍ଥଳରେ ଭୋଗରାଇ ତହସିଲଦାର, ଜଳେଶ୍ୱର ଏସ୍‌ଡିପିଓ ସୁଦର୍ଶନ ଦାସ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସମସ୍ତ ଦାବିକୁ ଗୁରୁତର ସହ ବିଚାର କରାଯିବ ବୋଲି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ପ୍ରତିଶ୍ରୁତି ଦେଇଥିବା କହିଥିଲେ। ଏହି ମାମଲାର ତଦନ୍ତ ଭାର ମାନବାଧିକାର କମିଶନକୁ ହସ୍ତାନ୍ତର କରାଯାଇଛି। ତହସିଲଦାର ଶବଦାହ ପାଇଁ ଜିଲା ରେଡକ୍ରସରୁ ୨୦ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏହାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ଉଲ୍ଲେଖଯୋଗ୍ୟ ଯେ, ଢାବାରୁ ନାବାଳକଙ୍କ ମୃତଦେହ ଉଦ୍ଧାର ଘଟଣାରେ ଥାନା ଆଇଆଇସି ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ହତ୍ୟାକାଣ୍ଡକୁ ଆତ୍ମହତ୍ୟା ଘଟଣା କହିବାରୁ ଲଙ୍କାକାଣ୍ଡ ଆରମ୍ଭ ହୋଇଥିଲା। ଆନ୍ଦୋଳନକାରୀମାନେ ଆଇଆଇସିଙ୍କୁ ରାସ୍ତାରେ ଗୋଡାଇ ଗୋଡାଇ ପିଟିଥିଲେ। ଉତ୍ତ୍ୟକ୍ତ ଲୋକେ ରାସ୍ତାରେ ଟାୟାର ଜାଳିବା ସହିତ ରାଜଧାନୀ ଢାବାକୁ ପୋଡି ପକାଇଥିଲେ। ଏହାପରେ ଆନ୍ଦୋଳନକାରୀମାନେ ଢାବା ମାଲିକ ସାହାବୁଦ୍ଦିନ ଶାହାଙ୍କ କଟୁଆପଡାସ୍ଥିତ ବାସଭବନକୁ ଯାଇ ନିଆଁ ଲଗାଇ ଦେଇଥିଲେ। ପରେ ଆନ୍ଦୋଳନକାରୀମାନେ ଜାମକୁଣ୍ଡାଛକରେ ଥିବା ତାଙ୍କ ଚୁଡି ଦୋକାନକୁ ଭଙ୍ଗାରୁଜା କରିଥିଲେ। ତେବେ ଘଟଣା ଅଣାୟତ୍ତ ହେବାରୁ ପୋଲିସ ୧୪୪ ଧାରା ଜାରି କରି ଲାଠିଚାର୍ଜ କରିଥିଲା। ବାଲିଆପାଳରେ ଏସ୍‌ପି ବି. ଯୁଗଳ କିଶୋର କୁମାରଙ୍କ ସହ ଅତିରିକ୍ତ ଏସ୍‌ପି ଟିକେ ଜେନା, ବସ୍ତା ଏସ୍‌ଡିପିଓ ରଣଜିତ ପୃଷ୍ଟି, ଜଳେଶ୍ୱର ଏସ୍‌ଡିପିଓ ସୁର୍ଦ୍ଦଶନ ଦାସ, ବସ୍ତା ଆଇଆଇସି ଧନେଶ୍ୱର ସାହୁ, ସିଂଲା ଆଇଆଇସି ସୁବ୍ରତ ବେହେରା, ରୂପସା ଥାନାଧିକାରୀଙ୍କ ସହିତ ୧୦ପ୍ଲାଟୁନ ଫୋର୍ସ ବାଲିଆପାଳରେ ମୁତୟନ କରାଯାଇଛି।

## କେନାଲରେ ବୁଡି ୨ ଛାତ୍ରଙ୍କ ମୃତ୍ୟୁ ଘଟଣା

# ଉଭୟଙ୍କ ପରିବାରକୁ ୪ ଲକ୍ଷ ଲେଖାଏ ସହାୟତା ଘୋଷଣା



ଗ୍ରାମରେ ଶୋକାକୁଳ ପରିବେଶ।

**ଖଇରା, ୨୭।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ରଟିଣା ପ୍ରହଲ୍ଲାଦ ନୋଡାଲ ହାଇସ୍କୁଲର ୨ଜଣ ୭ମ ଶ୍ରେଣୀ ଛାତ୍ର କେନାଲରେ ବୁଡି ପ୍ରାଣ ହରାଇବା ଘଟଣାରେ ସହାୟତା ଘୋଷଣା କରାଯାଇଛି। ମୃତକଙ୍କ ପରିବାରକୁ ସରକାରୀ ସ୍ତରରେ ୪ଲକ୍ଷ ଏବଂ ରେଡକ୍ରସରୁ ୧୦ହଜାର ଲେଖାଏଁ ଦିଆଯିବାକୁ ଘୋଷଣା କରାଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଗ୍ରାମବାସୀଙ୍କ ସହ ଉପଜିଲାପାଳ ନିଲୁ ମହାପାତ୍ର, ତହସିଲଦାର ପ୍ରଦୀପ କୁମାର ସାହୁ, ଅତିରିକ୍ତ ତହସିଲଦାର ବିଭାସ ରଞ୍ଜନ ପାଣିଗ୍ରାହୀ, ନୀଳଗିରି ଏସ୍‌ଡିପିଓ ସୁଦାମ ଚରଣ ସାହୁ, ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକ, ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୋଲକ ବିହାରୀ ପାଢୀଙ୍କ ସମେତ ବିଭିନ୍ନ ଶିକ୍ଷକ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା ପରେ ଏହି ଘୋଷଣା କରାଯାଇଛି। ଗ୍ରାମବାସୀଙ୍କ ଦାବି ମୁତାବକ ବିଦ୍ୟାଳୟ ପରିସରରେ ଅଟକ ଥିବା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଥାନାକୁ ଅଣାଯାଇ ଥାନାରେ ଅଟକ ରଖାଯାଇଛି। ଶିକ୍ଷକ ଅବହେଳା ଓ କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗରେ ଶନିବାର ସନ୍ଧ୍ୟାରେ ଥାନା ପରିସରରେ ଏକ ବୈଠକ ବସିବାର କାର୍ଯ୍ୟକ୍ରମ ଅଛି। ଖଇରା ଆଇଆଇସିଙ୍କ ପୌରୋହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହେବ। ଗ୍ରାମବାସୀଙ୍କ ଦାବିକୁ ସମ୍ମାନ ଦିଆଯାଇ ଉକ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟତ୍ରୀ ଶିକ୍ଷକମାନଙ୍କ ବିରୋଧରେ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ଆଇଆଇସି ଲୋପାମୁଦ୍ରା ନାୟକ କହିଛନ୍ତି। ଅନ୍ୟପକ୍ଷେ ଶନିବାର ସକାଳେ ଭଦ୍ରକରେ ବ୍ୟବଚ୍ଛେଦ ପରେ ମୃତ୍ୟୁବରଣ କରିଥିବା ଧନଞ୍ଜୟ ଓ ରାଜେଶଙ୍କ ମୃତଦେହକୁ ତାଙ୍କ ଗ୍ରାମ ରଟିଣାକୁ ନିଆଯାଇଥିଲା। ଖଇରା ପୋଲିସ ଉପସ୍ଥିତିରେ ଶୋକାକୁଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଓଷ୍ଟା ଶିକ୍ଷକ ସଂଘ ଖଇରା ଶାଖା ପକ୍ଷରୁ ଉପରୋକ୍ତ ପରିବାରଦ୍ୱୟକୁ ସମବେଦନା ଜ୍ଞାପନ ଜଣାଇବା ଅବସରରେ ୫ହଜାର ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିଲା।

# କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

**ବାଲିଆପାଳ, ୨୭।୭(ଡି.ଏନ.ଏ.)**

**ଚେତାବନୀ ଦେଲା ବିଶ୍ୱ ହିନ୍ଦୁ ପରିଷଦ**

ବାଲିଆପାଳ ବସ୍ତା ମୁଖ୍ୟ ରାସ୍ତାର ଇଡକୋ ଛକର ନିକଟରେ ଥିବା ରାଜଧାନୀ ଢାବାରେ ଜଣେ ନାବାଳକ ବିଜୟ ଦଳାଇଙ୍କ ମୃତଦେହ ଉଦ୍ଧାର ଘଟଣାରେ ଢାବା ମାଲିକ ସାହାବୁଦ୍ଦିନ ଶାହାଙ୍କୁ ଗିରଫ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜିଲା ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଦୃଢ ଦାବି କରାଯାଇଛି । ଏଥିପାଇଁ ଶନିବାର ଇଡକୋ କ୍ୟାମ୍ପସରେ ବିଶ୍ୱହିନ୍ଦୁ ପରିଷଦର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ହିନ୍ଦୁପରିଷଦ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଦୀପକ ଭଦ୍ର, ଅଜିତ କର, ଅରବିନ୍ଦ ବେହେରା, ସୁବଳଚନ୍ଦ୍ର ଦାସ, ମନ୍ମଥ ପାତ୍ର, ପ୍ରଶାନ୍ତ ଚନ୍ଦ, ଚିନ୍ମୟ ପାଳ, ରାଜେନ୍ଦ୍ର ପାତ୍ର, ସରୋଜ କର, ଦେବାନନ୍ଦ ପିଳା, ହରିହର ମହାପାତ୍ର, ଜଗନ୍ନାଥ ଭୂୟାଁ, ବରେନ୍ଦ୍ର ପ୍ରଧାନ, ବିକାଶ ଗିରି, ସୁଶାନ୍ତ ପାତ୍ର ପ୍ରମୁଖ ଯୋଗ ଦେଇ ଢାବା ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ନଚେତ୍ ଆସନ୍ତା ମଙ୍ଗଳବାର ସଂଘ ପକ୍ଷରୁ ଏକ ସମାବେଶ କରାଯାଇ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ବିମ୍ବାଧର ମହାନ୍ତି ବୈଠକରେ ପୌରୋହିତ୍ୟ କରିଥିଲେ।

### ନିଖୋଜ ଛାତ୍ର ବାଲେଶ୍ୱରରୁ ଉଦ୍ଧାର

**ଜଳେଶ୍ୱର, ୨୭।୭(ଡି.ଏନ.ଏ.)**

ଜଳେଶ୍ୱର ସହର ବଡବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୮ମ ଶ୍ରେଣୀରେ ପଢୁଥିବା ଗୋବିନ୍ଦ ଦାସ ନାମକ ଛାତ୍ରଙ୍କୁ ଶନିବାର ବାଲେଶ୍ୱର ରେଳଷ୍ଟେଶନ ନିକଟସ୍ଥ ଅଞ୍ଚଳରୁ ଉଦ୍ଧାର କରାଯାଇଛି। ଉକ୍ତ ଛାତ୍ର ଗତ ୨୧ ତାରିଖରେ ରାତିରେ ହଷ୍ଟେଲରୁ ନିଖୋଜ ହୋଇଯାଇଥିଲେ। ଏହାକୁ ନେଇ ଜଳେଶ୍ୱର ପୋଲିସ ଥାନାରେ ଏକ ମାମଲା ରୁଜୁ କରିଥିଲା।

# ସଫେଇ କର୍ମଚାରୀଙ୍କ ଧର୍ମଘଟ



ମ୍ୟୁନିସିପାଲିଟି ଅଫିସ୍ ସମ୍ମୁଖରେ ସଫେଇ କର୍ମଚାରୀଙ୍କ ଧାରଣା।

**ବାଲେଶ୍ୱର ଅଫିସ, ୨୭।୭**

ବାଲେଶ୍ୱର ପୌରପରିଷଦ ଅଧୀନରେ କାର୍ଯ୍ୟ କରୁଥିବା ଠିକା ସଫେଇ କର୍ମଚାରୀମାନେ ଗୁରୁବାରଠାରୁ ଆରମ୍ଭ କରିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଫଳରେ ସହରର ୩୧ଟି ୱାର୍ଡ଼ରେ ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଠିକାଦାରଙ୍କ ଅଧୀନରେ କାମ କରୁଥିବା ୩୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଅନିୟମିତତା ଭାବେ ମାସିକ ବେତନ, ଭବିଷ୍ୟନିଧି ପାଣ୍ଠି ଏବଂ ଇଏସ୍‌ଆଇ ବାବଦରେ କଟାଯାଇଥିବା ଟଙ୍କା ଦାଖଲ ଦାବିରେ ଧର୍ମଘଟ ଚାଲୁ ରଖିଛନ୍ତି। ଅନ୍ୟପକ୍ଷରେ ସଫେଇ ଠପ୍ ଯୋଗୁ ସହରରେ ବିଭିନ୍ନ ସ୍ଥାନ ଅପରିଷ୍କାର ହୋଇପଡିଛି।

ବାଲେଶ୍ୱର ପୌରାଞ୍ଚଳକୁ ୫ଟି ଜୋନ୍‌ରେ ବଣ୍ଟନ କରାଯାଇ ୨ଜଣ ଠିକାଦାରଙ୍କୁ ସଫେଇ କାର୍ଯ୍ୟ ଦାୟିତ୍ୱ ଦିଆଯାଇଛି। ଗତ ୨୦୧୫ରୁ ୪ଟି ଜୋନ୍ ଜଣେ ଠିକାଦାରଙ୍କୁ ଓ ଗୋଟିଏ ଜୋନ୍ ଅନ୍ୟ ଜଣେ ଠିକାଦାରଙ୍କୁ ଦିଆଯାଇଛି। ପ୍ରତି ମାସ ୭ତାରିଖ ମଧ୍ୟରେ ମାସିକ ବେତନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଥିଲେ ବି ୪ ନଂ. ଜୋନରେ କାମ କରୁଥିବା ୪୭ଜଣ ଶ୍ରମିକଙ୍କୁ ଗତ ଜୁନ୍‌ର ବେତନ ଠିକାଦାର ନାରାୟଣ ଜେନା ଗୁରୁବାର ସୁଦ୍ଧା ପ୍ରଦାନ ନ କରିବାରୁ କେବଳ ସେହି ଜୋନ୍‌ର ଶ୍ରମିକମାନେ କାମ ବନ୍ଦ କରିଥିଲେ। ଅନ୍ୟ ଜୋନ୍‌ର ଶ୍ରମିକମାନେ ଗୁରୁବାର ସଫେଇ ଶେଷ କରି ଆନ୍ଦୋଳନରେ ଯୋଗଦେଇଥିଲେ। ଶୁକ୍ରବାର ପୂର୍ବାହ୍ନ ୬ଟାରୁ ସହରରେ ସଫେଇ କାର୍ଯ୍ୟ ବନ୍ଦ କରି ଶ୍ରମିକମାନେ ପୌର କାର୍ଯ୍ୟାଳୟରେ ଧାରଣାରେ ବସିଥିଲେ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶରେ ଆସନ୍ତା ସୋମବାର ଜିଲା ଶ୍ରମ ଅଫିସର ସମସ୍ୟାର ସମାଧାନ ପାଇଁ ଏକ ତ୍ରିପାକ୍ଷିକ ଆଲୋଚନା ଆହ୍ୱାନ କରିଥିଲେ। ଶୁକ୍ରବାର ଜିଲା ଶ୍ରମ ଅଧିକାରୀ କୁବେର ବେହେରା ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଚିତ୍ରସେନ ରାଉତ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ବେତନ ପାଇ ନ ଥିବା ଶ୍ରମିକମାନଙ୍କୁ ତାହା ଆଜି ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଗତ ୪ ବର୍ଷ ଧରି ଶ୍ରମିକମାନଙ୍କ ମାସିକ ବେତନରୁ ଭବିଷ୍ୟନିଧି ପାଣ୍ଠି ଏବଂ ଇଏସ୍‌ଆଇ ବାବଦରେ କଟାଯାଇଥିବା ପ୍ରାୟ ୧କୋଟି ୩୨ ଲକ୍ଷ ଟଙ୍କା ଦାଖଲ ନ କଲେ ସେମାନେ କାମରେ ଯୋଗଦେବେ ନାହିଁ ବୋଲି ଘୋଷଣା କରିଛନ୍ତି। ଜିଲା ଶ୍ରମ ଅଧିକାରୀ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ରାଉତ, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ଓ ଭାଗବତ ପ୍ରତିହାରୀ ପ୍ରମୁଖ ଆସନ୍ତା ସୋମବାର ଦ୍ୱିପାକ୍ଷିକ ଆଲୋଚନା ପାଇଁ ସ୍ଥିର କରାଯାଇଛି ବୋଲି କହିଥିଲେ। ଏହିପରି ମିଥ୍ୟା ପ୍ରତିଶ୍ରୁତି ଦିଆଯାଇଥିବା କହି ଶ୍ରମିକମାନେ ସେମାନଙ୍କ ଜିଦ୍‌ରେ ଅଟଳ ଅଛନ୍ତି। ଶ୍ରମିକ ରତ୍ନାକର ବେହେରା, ରାଜେଶ ନାଏକ, ରାମ ବେହେରା ଓ ଭଗବାନ ବେହେରା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି।

# ୨୮୫୦ ଫଟୋ ପୋଷ୍ଟ ଲାଗି ରାଜେନ୍ଦ୍ରଙ୍କୁ ମୋବାଇଲ ଉପହାର

**ସିମୁଳିଆ, ୨୭।୭(ଡି.ଏନ.ଏ.)**



ଓଡ଼ିଶାର ଗ୍ରାମାଞ୍ଚଳ ସମେତ ବିଭିନ୍ନ ଅଞ୍ଚଳର ଫଟୋ ଉଠାଇ ଇନ୍‌ଷ୍ଟାଗ୍ରାମ ଓ ଫେସ୍‌ବୁକ ପରି ସୋସିଆଲ ମିଡ଼ିଆରେ ପ୍ରଚାର କରିବା ଯୋଗୁ ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ରାଜେନ୍ଦ୍ର କୁମାର ମହାପାତ୍ରଙ୍କୁ ଗୁଗଲ କମ୍ପାନୀ ଏକ ଗୁଗଲ ପିକ୍ସେଲ ୩ଏ ମୋବାଇଲ ଉପହାର ଦେଇଛି। ରାଜେନ୍ଦ୍ର ଗତ ୨୦୧୫ରୁ ଅଦ୍ୟାବଧି ସେ ଇନ୍‌ଷ୍ଟାଗ୍ରାମରେ ୧୮ଶହ ୫୦ ଓ ଫେସ୍‌ବୁକରେ ୧ହଜାର ଫଟୋ ପୋଷ୍ଟ କରିଛନ୍ତି।

ତାଙ୍କ ଘର ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବଣା ଅଞ୍ଚଳରେ। ତାଙ୍କ ବଡ଼ପୁଅ ମୁମ୍ବାଇରେ, ପତ୍ନୀ ଓ ସାନପୁଅ ହାଇଦ୍ରାବାଦରେ ଚାକିରି କରୁଥିବାବେଳେ ଗାଁର ଆକର୍ଷଣ ଯୋଗୁ ରାଜେନ୍ଦ୍ର ଏଠାରେ ଏକା ରହନ୍ତି। ତେବେ ସାଇକେଲ ଧରି ବିଭିନ୍ନ ଅଞ୍ଚଳରେ ବୁଲିବା ସହିତ ଲୋକ ସମ୍ପର୍କ ସୃଷ୍ଟି କରିବା, ସ୍କୁଲ କଲେଜ ବୁଲି ସଚେତନତା ସୃଷ୍ଟି କରିବା ଭଳି ସମାଜସେବା କରନ୍ତି। ତେବେ ମୁମ୍ବାଇର ଏକ ଫଟୋ କମ୍ପାନୀର ମାଲିକ ଜୋସେଫ ରାଧିକ ରାଜେନ୍ଦ୍ରଙ୍କ ସହିତ ଯୋଗାଯୋଗ କରି ତାଙ୍କର ବଛା ବଛା ୧୦ଟି ଫଟୋ ଗୁଗଲ କମ୍ପାନୀକୁ ପଠାଇବା ପରେ କମ୍ପାନୀ ତାଙ୍କୁ ବେଷ୍ଟ ଫଟୋଗ୍ରାଫର ରୂପେ ଅଧିକ ଫଟୋ ଉଠାଇବା ଉଦ୍ଦେଶ୍ୟରେ ଏହି ମୋବାଇଲ ପ୍ରଦାନ କରିଛି। ପ୍ରତ୍ୟେକ ଦିନ ପ୍ରାୟ ରାଜେନ୍ଦ୍ର ୨ଟି ଫଟୋ ପୋଷ୍ଟ କରୁଥିବା କହିଛନ୍ତି।

# ଗଡକରୀଙ୍କୁ ଭେଟିଲେ ପ୍ରତାପ

**ସଜନାଗଡ଼,୨୭।୭ (ଡି.ଏନ.ଏ.):** ୧୯ ନଂ. ରାଜ୍ୟ ରାଜପଥ ଶେରଗଡ଼, ନୀଳଗିରି, ଝରଣାଘାଟି ଏସ୍‌ଏନ୍‌ଜି ରାସ୍ତାର ପ୍ରଶସ୍ତୀକରଣ ପାଇଁ ନୀଳଗିରି ଜନସାଧାରଣ ଏବଂ ବିଧାୟକ ଇଂ. ସୁକାନ୍ତ ନାୟକ କେନ୍ଦ୍ରମନ୍ତ୍ରୀ ପ୍ରତାପଚନ୍ଦ୍ର ଷଡଙ୍ଗୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଦୀର୍ଘ ୩୨ କି.ମି. ରାସ୍ତାରେ ୪ ଲେନ୍ ରାସ୍ତା ନିର୍ମାଣ କରାଗଲେ ପଡ଼ୋଶୀ ଜିଲା ମୟୂରଭଞ୍ଜ ଜିଲା ସହ ଗମନାଗମନ ସୁବିଧା ହୋଇପାରିବ ବୋଲି ବିଧାୟକ ନାୟକ ଚିଠିରେ ଉଲ୍ଲେଖ କରିଥିଲେ। (ଏମ୍‌ଏସ୍‌ଏମ୍‌ଇ) ପ୍ରାଣୀ ସମ୍ପଦ, କ୍ଷୁଦ୍ରମଧ୍ୟମ ଶିଳ୍ପ, ମତ୍ସ୍ୟ ପଶୁପାଳନ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗୁରୁତ୍ୱ ଦେଇ ଏ ବାବଦରେ କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ସହିତ ଆଲୋଚନା କରିଥିବା ବେଳେ କେନ୍ଦ୍ର ପରିବହନ ମନ୍ତ୍ରୀ ଉପରିସ୍ଥ ଅଧିକାରୀମାନଙ୍କୁ ରାସ୍ତାର ସର୍ଭେ ପାଇଁ ସବୁଜ ସଂକେତ ଦେଇଛନ୍ତି। ଏଥିପାଇଁ ନୀଳଗିରିବାସୀ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ନୀଳଗିରି ବିଧାୟକ ଇଂ. ନାୟକଙ୍କୁ ସାଧୁବାଦ ଜଣାଇଛନ୍ତି।



ପରିବହନ ମନ୍ତ୍ରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ପ୍ରତାପ।

**୧୯ ନଂ. ରାଜ୍ୟ ରାଜପଥ ଶେରଗଡ଼-ଝରଣାଘାଟି ରାସ୍ତାର ୪ ଲେନ୍ ପାଇଁ ସବୁଜ ସଂକେତ**

# ପ୍ରତିବାଦରେ ସିଡିଏମ୍‌ଓଙ୍କ ଅଫିସ୍ ଘେରାଉ

**ଆଶାକର୍ମୀଙ୍କୁ ଘରେ ବାନ୍ଧିବା ଘଟଣା**

**ବାଲେଶ୍ୱର ଅଫିସ,୨୭।୭**

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ଆଲୁମେଦା ପଞ୍ଚାୟତ ଅନ୍ତର୍ଗତ ଜୁଆରୀ ଗ୍ରାମର ଆଶାକର୍ମୀଙ୍କୁ ଘରେ ବାନ୍ଧି ରାତିସାରା ଅଟକ ରଖିବା ଏବଂ ତାଙ୍କୁ ନିର୍ଯାତନା ଦେବା ଅଭିଯୋଗକୁ ସିଂଲା ଥାନାଧିକାରୀ ଅବହେଳା କରିବା ପ୍ରତିବାଦରେ ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ବାଲେଶ୍ୱର ଶାଖା ପକ୍ଷରୁ ଶନିବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ଡା. ଦୁଲାଳସେନ ଜଗଦେବଙ୍କ ଅଫିସ୍ ଘେରାଉ କରିଥିଲେ। ୨୪ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରତିଶ୍ରୁତି ପାଇବା ପରେ ଆଶା କର୍ମୀମାନେ ଆନ୍ଦୋଳନକୁ ସ୍ଥଗିତ ରଖିଥିବାର ସଂଘର ସମ୍ପାଦକ ଶକୁନ୍ତଳା ଗୋଛାୟତ ପ୍ରକାଶ କରିଛନ୍ତି।

ଜୁଆରୀ ଗ୍ରାମର ଶୁକଦେବ ଦାସ(୨୯) ଗତ ୨୨ତାରିଖରେ ପୁରୁଷ ବନ୍ଧ୍ୟାକରଣ ପାଇଁ ସ୍ଥାନୀୟ ଆଶାକର୍ମୀ ଭଗବତୀ ମାନ୍ନାଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ବନ୍ଧ୍ୟାକରଣ ପରେ ଶୁକଦେବଙ୍କୁ ଚିକିତ୍ସା ନିମନ୍ତେ ଭର୍ତ୍ତି ହେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। କିନ୍ତୁ ଏହାକୁ ବେଖାତିର୍ କରି ସେ ମୋଟରସାଇକେଲ ଯୋଗେ ଘରକୁ ଫେରିଥିଲେ। ଫଳରେ ତାଙ୍କ ଦେହ ହଠାତ୍ ଅସୁସ୍ଥ ହୋଇଥିଲା। ପରିବାର ଲୋକ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା କରାଇଥିଲେ। ୩ଦିନ ପରେ ଅର୍ଥାତ୍ ଗତ ୨୪ତାରିଖ ସନ୍ଧ୍ୟାରେ ଆଶାକର୍ମୀ ଭଗବତୀ ତାଙ୍କୁ ଘରକୁ ଛାଡ଼ିବାକୁ ଯାଇଥିଲେ। ହଠାତ୍ ଶୁକଦେବଙ୍କ ୩ ଭାଇ, ବାପା ଉତ୍ତ୍ୟକ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିବା ସହ ଘରେ ଦଉଡିରେ ବାନ୍ଧି ମାଡ଼ ମାରିଥିଲେ। ସେ ନିରୁପାୟ ହୋଇ ମୁମୂର୍ଷୁ ଅବସ୍ଥାରେ ପଡ଼ି ରହିଥିବା ବେଳେ ଗତ ୨୫ତାରିଖ ପୂର୍ବାହ୍ନରେ ତାଙ୍କର ସ୍ୱାମୀ ବାସୁଦେବ ମାନ୍ନା ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟର ମହିଳା ଭେଷଜ ୱାର୍ଡ଼ର ୨୯ନମ୍ବର ଶଯ୍ୟାରେ ଭର୍ତ୍ତି କରିଥିବା ବେଳେ ଅଦ୍ୟାବଧି ସେ ଚିକିତ୍ସାଧୀନ ଅଛନ୍ତି। ଏନେଇ ସାର୍ଥା ଫାଣ୍ଡି ଏବଂ ସିଂଲା ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ବାଲେଶ୍ୱର ଶାଖା ପକ୍ଷରୁ ଶତାଧିକ ଆଶାକର୍ମୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନ୍ୟାୟ ପାଇଁ ଘେରିଥିଲେ। ପୀଡ଼ିତାଙ୍କୁ ସହାୟତା, ଅଭିଯୁକ୍ତଙ୍କୁ ୨୪ଘଣ୍ଟା ମଧ୍ୟରେ ଗିରଫ, ଥାନା ଆଇଆଇସିଙ୍କୁ ଚାକିରିରୁ ବହିଷ୍କାରି, ଆଶା କର୍ମୀଙ୍କ ସମ୍ମାନ, ସୁରକ୍ଷା ଓ ସ୍ୱାଭିମାନକୁ ରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ବାଲେଶ୍ୱର ସଦର ବିଧାୟକ ମଦନ ମୋହନ ଦତ୍ତ ଘଟଣାସ୍ଥଳରେ ପହଞ୍ଚି ପୋଲିସ ପ୍ରଶାସନ ସହ ଆଲୋଚନା କରିବା ସହ ଆଶାକର୍ମୀମାନଙ୍କୁ ଆଇନ୍ ଅନୁସାରେ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜଗଦେବ କହନ୍ତି, ଆଶାକର୍ମୀଙ୍କ ପ୍ରତି ଏଭଳି ବ୍ୟବହାର ଦୁର୍ଭାଗ୍ୟଜନକ। ଅଭିଯୋଗ ପାଇ ସିଂଲା ଥାନାଧିକାରୀଙ୍କ ସହ କଥା ହୋଇ ୨୪ ଘଣ୍ଟା ଭିତରେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଅନୁରୋଧ କରିଥିଲେ। ଆଶାକର୍ମୀଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ।



ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଫିସ୍ ସମ୍ମୁଖରେ ଆଶାକର୍ମୀ।

ଧରିତ୍ରୀ DHARITRI
ବାଲେଶ୍ୱର, ରବିବାର, ୨୮ ଜୁଲାଇ, ୨୦୧୯



## ସଂକ୍ଷେପରେ

### ନଦୀରୁ ମିଳିଲା ନିଖୋଜ ଶିଶୁଙ୍କ ମୃତଦେହ

ଭଣ୍ଡାରିପୋଖରୀ, ୨୭।୭ (ଡି.ଏନ୍.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ବନ୍ଧାଲୋ ମଢିଆଳି ପଞ୍ଚାୟତ ବନ୍ଧାଲୋ ଗ୍ରାମର ଜଗନ୍ନାଥ ରଣାଙ୍କ ୧୮ ମାସର ପୁଅ ଆଦିତ୍ୟ ଶୁକ୍ରବାର ଅପରାହ୍ନରେ ନିଖୋଜ ହୋଇଯାଇଥିଲେ। ଶନିବାର ବୈତରଣୀ ନଦୀର ଝୁଟଣା ଘାଟରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସକାଳେ ପରିବାର ଲୋକେ ନଦୀରେ ଖୋଜାଖୋଜି କରି ଝୁଟଣା ଘାଟ ପର୍ଯ୍ୟନ୍ତ ଯାଇଥିଲେ। ଝୁଟଣା ଘାଟରେ ଆଦିତ୍ୟଙ୍କ ମୃତଦେହ ଲାଗିଥିବା ଦେଖି ଘରକୁ ଆଣିଥିଲେ। ଏ ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ କରାଯାଇ ନ ଥିବା ଜଣାଯାଇଛି। ଉଲ୍ଲେଖନୀୟ ଯେ, ଆଦିତ୍ୟ ଶୁକ୍ରବାର ଅପରାହ୍ନରେ ବରା ଖାଉଥିବା ବେଳେ ଅନ୍ୟମନସ୍କରୁ ବୈତରଣୀ ନଦୀକୁ ଚାଲିଯାଇ ବୁଡ଼ିଯାଇଥିବା ସନ୍ଦେହ କରାଯାଇଥିଲା। ଖବର ପାଇ ଭଣ୍ଡାରିପୋଖରୀ ଦମକଳ କର୍ମଚାରୀ ପହଞ୍ଚି ନଦୀରେ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ।

### କଳିଙ୍ଗ କଳାକାର ସଂଘ ଗଠିତ

ତିହିଡ଼ି, ୨୭।୭ (ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ବ୍ଲକରେ କଳିଙ୍ଗ କଳାକାର ସଂଘ ଗଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ତିହିଡ଼ି ବଜାରସ୍ଥିତ ମନ୍ଦୋଦରୀ କଲ୍ୟାଣ ମଣ୍ଡପରେ କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟଙ୍କ ପୌରୋହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତିକ୍ରମେ ସଂଘର କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ସଭାପତି ଭାବେ ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, ଉପସଭାପତି ବାବୁରାମ ରାଉତ, ସାଧାରଣ ସମ୍ପାଦକ ସୁରେନ୍ଦ୍ର ପ୍ରସାଦ ନାୟକ, ସମ୍ପାଦକ ମନମୋହନ ସାହୁ, କୋଷାଧକ୍ଷ ଅକ୍ଷୟ ମିଶ୍ର ଓ ସଙ୍ଗଠନ ସମ୍ପାଦକ ଭାବେ ଭାଗୀରଥି ଦତ୍ତ ମନୋନୀତ ହୋଇଥିଲେ। ଉପଦେଷ୍ଟା ଭାବେ କବି ସୁଧାଂଶୁ ଶେଖର ବେହେରା, ବାଇଧର ନାୟକ, ମଧୁସୂଦନ ନାୟକ, ଲକ୍ଷ୍ମୀଧର ସାହୁ, ସଞ୍ଜିତ କୁମାର ବଳ, ରାମନାରାୟଣ ନାୟକ, ଖଗେଶ୍ୱର ବେହୁରା, ବସନ୍ତ କୁମାର ଦାସ, ସଚ୍ଚିକାନ୍ତ ନାୟକ, ପି. ହୃଷୀକେଶ ଓ ପ୍ରଭାତ କୁମାର ରାଉଳଙ୍କୁ ଚୟନ କରାଯାଇଛି। ଏହାଛଡ଼ା ଉପେନ୍ଦ୍ର ସାହୁ, ବିନୋଦ ନାୟକ, ବାଦଲ ବେହେରା, ବସନ୍ତ ସାହାଣୀ, ନାରାୟଣ ଦେବ, ନୀଳିମା ରାୟ, ଉମାକାନ୍ତ ଜେନା ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି।

### ବିଜୟ ଦିବସ ପାଳିତ

ଧାମନଗର, ୨୭।୭ (ଡି.ଏନ.ଏ.): ଧାମନଗର ବ୍ଲକ ଭଗବାନପୁର ବଜାରରେ ଯୁବ ସଙ୍ଗଠନ ପକ୍ଷରୁ କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଛି। ଲକ୍ଷ୍ମୀଧର ଦାସ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରବୀନ୍ଦ୍ର ପଣ୍ଡା ଯୋଗଦେଇ କାର୍‌ଗିଲ ଯୁଦ୍ଧରେ ଭାରତୀୟ ସୈନ୍ୟମାନଙ୍କର ରଣନୀତିକୁ ପ୍ରଶଂସା କରିବା ସହ ଉପସ୍ଥିତ ଯୁବକମାନଙ୍କୁ ଉତ୍ସାହିତ କରିଥିଲେ। ସନ୍ତୋଷ ମହାପାତ୍ର ପରିଚାଳନା କରିଥିଲେ। ରମଣୀ ରଞ୍ଜନ ଦାସ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିଦ୍ୟାଧର ପାତ୍ର, ଅକ୍ଷୟ ରାଉତ, ପଦ୍ମନାଭ ଶଙ୍ଖୁଆ, ସୁଦୀପ୍ତ ଖଟୁଆ, ଦିବାକର ଜେନା, ବିଶ୍ୱନାଥ ବେହେରା ଓ ଗୋବିନ୍ଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ଶୁଖିଲା ପଡ଼ିଛି ଦଶମୌଜା କେନାଲ

ତିହିଡ଼ି, ୨୭।୭ (ଡି.ଏନ.ଏ.)


ବାରିକବିନ୍ଧା ପାଖରେ ଶୁଖିଲା ପଡ଼ିଥିବା କେନାଲ।

■ ଉପରମୁଣ୍ଡରେ ବନ୍ଧ, ତଳମୁଣ୍ଡରେ ପହଞ୍ଚିପାରୁନି ପାଣି
■ ୬ ହଜାର ହେକ୍ଟର ଜମିରେ ହୋଇପାରୁନି ଚାଷ

ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ବର୍ଷା ଅଭାବରୁ ମରୁଡ଼ି ପରିସ୍ଥିତି ଦେଖାଦେଇଛି। ଅପରପକ୍ଷେ ବିଭିନ୍ନ ପଞ୍ଚାୟତରେ ଜମିକୁ ଜଳସେଚିତ କରିବା ପାଇଁ ରହିଥିବା ଦଶମୌଜା କେନାଲ ଶୁଖିଲା ପଡ଼ିଛି। କେନାଲରେ ପ୍ରଚୁର ପାଣି ଛଡ଼ାଯାଉଥିଲେ ମଧ ତାହା ତଳମୁଣ୍ଡର ଥିବା ଜମି ପାଖରେ ପହଞ୍ଚି ପାରୁନାହିଁ। ଉପରମୁଣ୍ଡରେ ଥିବା ଚାଷୀମାନେ କେନାଲରେ ବନ୍ଧ କରି ଜମିକୁ ପାଣି ଉଠାଇ ଚାଷ କାର୍ଯ୍ୟ କରୁଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା କୁହାଯାଇଛି। ଏହା ତଳମୁଣ୍ଡରେ ଥିବା ଚାଷୀଙ୍କୁ ନିରାଶ କରିଛି। ସାଳନ୍ଦୀ ଜଳସେଚନ ବିଭାଗ ପକ୍ଷରୁ କୌଣସି ତତ୍ପରତା ନ ଥିବାରୁ କେତେଜଣ ଚାଷୀ ମନଇଚ୍ଛା କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଖରିଫ୍ ଧାନଚାଷ ଆରମ୍ଭରୁ ପାଣିପାଗ ପ୍ରତିକୂଳ ଅବସ୍ଥାରେ ରହିଛି। ଆବଶ୍ୟକ ପରିମାଣରେ ବର୍ଷା ହେଉ ନ ଥିବାରୁ ଚାଷଜମି ଶୁଖି ଫାଟି ଆଁ କଲାଣି। ତଳି ଓ ବୁଣାଧାନ ପାଣି ଅଭାବରୁ ହଳଦିଆ ପଡ଼ିଗଲାଣି। ପାଣି ସୁବିଧା ଥିବା ଅଳ୍ପ କେତେକ ସ୍ଥାନରେ ଚାଷୀମାନେ ପମ୍ପସେଟ ସହାୟତାରେ ପାଣି ମଡ଼ାଇ ଚାଷକାର୍ଯ୍ୟ ଆରମ୍ଭ କରିଛନ୍ତି।

ବ୍ଲକର ୯ଟି ପଞ୍ଚାୟତର ଚାଷଜମି ଦଶମୌଜା କେନାଲ ଦ୍ୱାରା ଜଳସେଚିତ ହୋଇଥାଏ। ଏହି କେନାଲ ଏବେ କଳମବଣରେ ଭର୍ତ୍ତି ହୋଇଛି। ମରୁଡ଼ି ପରିସ୍ଥିତିକୁ ଲକ୍ଷ୍ୟକରି ସାଳନ୍ଦୀରେ ପାଣି ଛଡ଼ାଯାଇଥିଲା। ମାତ୍ର ଦଶମୌଜା କେନାଲର ଉପରମୁଣ୍ଡରେ ଚାଷୀମାନେ ବନ୍ଧ ବାନ୍ଧି ଜମିକୁ ପାଣି ନେଉଛନ୍ତି। କେନାଲରେ ବନ୍ଧ ପକାଇବା ନିୟମ ନ ଥିଲେ ମଧ କେତେଜଣ ଚାଷୀଙ୍କ ଏ ପ୍ରକାର କାର୍ଯ୍ୟ ଅଧିକାଂଶ ପଞ୍ଚାୟତର ଚାଷୀଙ୍କୁ ସମସ୍ୟାରେ ପକାଇଛି। ବନ୍ଧ ଯୋଗୁ ତାଳପଦା, ଅଚକ, ଭାଟପଡ଼ା, କୋଲ୍ହ, ଫତେପୁର, ମଙ୍ଗଳପୁର, ସିନ୍ଦୋଳ ପଞ୍ଚାୟତର ଚାଷୀମାନେ କେନାଲ ପାଣି ପାଇପାରୁ ନାହାନ୍ତି। ସାଳନ୍ଦୀ ଜଳସେଚନ ବିଭାଗ କେନାଲରେ ପାଣି ଛାଡ଼ିଦେଇ ନିଜର ଦାୟିତ୍ୱ ସାରି ଦେଉଥିବା କୁହାଯାଉଛି। ପାଣିର ଠିକ୍ ବିନିଯୋଗ ହୋଇପାରିଲା କି ନାହିଁ ସେନେଇ କୌଣସି ତଦାରଖ କରୁ ନ ଥିବାରୁ ଏହି ପଞ୍ଚାୟତଗୁଡ଼ିକରେ ୬ ହଜାର ହେକ୍ଟର ଜମିରେ ଜଳସେଚନ ସୁବିଧା ଥାଇ ମଧ ଚାଷ ହୋଇପାରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସାଳନ୍ଦୀ ଜଳସେଚନ ବିଭାଗ ଏଥିପ୍ରତି ଦୃଷ୍ଟିଦେବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗର ଏସ୍‌ଡିଓ ଆର୍ତ୍ତତ୍ରାଣ ସାହୁଙ୍କୁ ପଚାରିବାରୁ କେନାଲରେ ପ୍ରଚୁର ପାଣି ଛଡ଼ାଯାଇଛି, ପାଣି କିପରି ତଳମୁଣ୍ଡରେ ପହଞ୍ଚିବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

■ ଗ୍ରାମବାସୀଙ୍କ ଚେତାବନୀ

# ବିଦ୍ୟାଳୟ ମିଶ୍ରଣ ନିଷ୍ପତ୍ତି ନ ବଦଳିବା ଯାଏ ପଡ଼ିବ ତାଲା


ଚମ୍ପାସାହି ସ୍କୁଲ ଆଗରେ ଗ୍ରାମବାସୀ ବସିରହିଛନ୍ତି।

ଆରଡ଼ି, ୨୭।୭ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଚମ୍ପାସାହି ପ୍ରାଥମିକ ବିଦ୍ୟାଳୟ ମିଶ୍ରଣକୁ ବିରୋଧକରି ଗ୍ରାମବାସୀ ଦୁଇଦିନ ହେଲା ସ୍କୁଲରେ ତାଲା ପକାଇ ଦେଇଛନ୍ତି। ଏହି ବିଦ୍ୟାଳୟ ୭୦ ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ଶିକ୍ଷାନୁଷ୍ଠାନ ହୋଇଥିଲେ ବି ଏଠାରେ ଛାତ୍ରୀଛାତ୍ର କମ୍ ଥିବା ଆଳ ଦେଖାଇ ଗତ ବର୍ଷଠାରୁ ୧ କି.ମି. ଦୂରରେ ଥିବା ପାରଡିଆ ପ୍ରାଥମିକ ବିଦ୍ୟାଳୟରେ ମିଶାଇବା ପ୍ରକ୍ରିୟା ବ୍ଲକ ପ୍ରଶାସନ ପକ୍ଷରୁ ଚାଲୁ ରହିଥିଲା। ଏବର୍ଷ ତାହାକୁ ସାକାର କରିବାକୁ ଉଦ୍ୟମ ଆରମ୍ଭ ହୋଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିସହିତ ଏହି କ୍ଲଷ୍ଟର ସିଆର୍‌ସିସି ଘଟଣାସ୍ଥଳକୁ ନ ଆସି ଓଲଟି ଏଠାରେ କାର୍ଯ୍ୟରତ ଦୁଇ ଶିକ୍ଷକଙ୍କୁ ଧମକ ଦେଉଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ବିଦ୍ୟାଳୟ ମିଶ୍ରଣ ପ୍ରକ୍ରିୟା ବନ୍ଦ କରିବା ନେଇ ଏକ ଅଭିଯୋଗପତ୍ର ଶନିବାର ଜିଲାପାଳଙ୍କ ସମେତ ଜିଲା ଶିକ୍ଷାଧିକାରୀ, ରାଜ୍ୟ ଗଣଶିକ୍ଷା ବିଭାଗ ସଚିବଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ମିଶ୍ରଣ ନିଷ୍ପତ୍ତି ନ ବଦଳିବା ଯାଏ ବିଦ୍ୟାଳୟରେ ତାଲା ପଡ଼ି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଶୁକ୍ରବାର ବ୍ଲକ ଶିକ୍ଷାଧିକାରୀ ଏନେଇ ଦେଇଥିବା ପ୍ରତିକ୍ରିୟା ଦୁର୍ଭାଗ୍ୟଜନକ। ବ୍ଲକରେ ଏହିଭଳି ଅନ୍ୟ କେତେକ ବିଦ୍ୟାଳୟ ଥିଲେ ମଧ ସେଠାରେ କିପରି ଏହି ମିଶ୍ରଣ ପ୍ରକ୍ରିୟା ଲାଗୁ ହୋଇନି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଚାନ୍ଦବାଲି ବ୍ଲକ ଶିକ୍ଷାଧିକାରୀ ପ୍ରଣୟ ନାୟକଙ୍କୁ ପଚାରିବାରୁ କହିଛନ୍ତି, ରାଜ୍ୟ ସରକାରଙ୍କ ଘୋଷଣାକ୍ରମେ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି। କେବଳ ଏହି ବିଦ୍ୟାଳୟ ନୁହେଁ, ବ୍ଲକରେ ଅନ୍ୟ ଶିକ୍ଷାନୁଷ୍ଠାନକୁ ମଧ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରାଯାଇଛି। ଗ୍ରାମବାସୀ ସେମାନଙ୍କ ନିଷ୍ପତ୍ତି ବଦଳାଇବାକୁ ସେ ପରାମର୍ଶ ଦେଇଛନ୍ତି।

### ୱାର୍ଡସଭ୍ୟାଙ୍କୁ ଦୁର୍ବ୍ୟବହାର, ମାଡ଼ ଅଭିଯୋଗ

ବାସୁଦେବପୁର, ୨୭।୭ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ସୁଦର୍ଶନପୁର ପଞ୍ଚାୟତର ଜଣେ ୱାର୍ଡସଭ୍ୟାଙ୍କୁ ଶୁକ୍ରବାର ଜଣେ ଯୁବକ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ବାସୁଦେବପୁର ଥାନା ପୋଲିସ ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ୱାର୍ଡସଭ୍ୟା ଜଣଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ଶୁକ୍ରବାର ସୁଦର୍ଶନପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ପଞ୍ଚାୟତ ବୈଠକ ସରପଞ୍ଚଙ୍କ ଆହ୍ୱାନ କ୍ରମେ ଡକାଯାଇଥିଲା। ବୈଠକରେ ଯୋଗଦେବାକୁ ସେ ତାଙ୍କ ସ୍ୱାମୀଙ୍କ ସହିତ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ବୈଠକ ଚାଲିଥିବା ବେଳେ ତାଙ୍କ ସ୍ୱାମୀ ପଞ୍ଚାୟତ କାର୍ଯ୍ୟାଳୟ ବାରଣ୍ଡାରେ ବସିଥିଲେ। ଏହି ସମୟରେ ସୁଆଁ ଗ୍ରାମର ଜଣେ ଯୁବକ ପ୍ରଥମେ ତାଙ୍କ ସ୍ୱାମୀଙ୍କୁ ଟଣାଓଟରା କରିଥିଲେ। ଏହି ଖବର ପାଇ ସେ ବୈଠକ ଛାଡ଼ି ବାରଣ୍ଡାକୁ ଆସି ବିରୋଧ କରିବାରୁ ସମ୍ପୃକ୍ତ ଯୁବକ ଉତ୍କ୍ଷିପ୍ତ ହୋଇ ତାଙ୍କୁ ଜାତିଆଣ ଆକ୍ଷେପକରି ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏଥିସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସେ ଦାବି କରିଛନ୍ତି।

### ଘର ଭାଙ୍ଗି ଦେବା ସହ ଚୋରି ଅଭିଯୋଗ

ଭଣ୍ଡାରିପୋଖରୀ, ୨୭।୭ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ଼ ପଞ୍ଚାୟତର ରମାମଣି ସ୍ୱାଇଁଙ୍କ ଘରକୁ ଜଣେ ବ୍ୟକ୍ତି ଜେସିବି ଲଗାଇ ଭାଙ୍ଗି ଦେବା ସହ ଆସବାବପତ୍ର ଚୋରି କରି ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା(ନଂ. ୧୧୮/୧୯) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ରମାମଣି ଦୀର୍ଘ ୨୦ବର୍ଷ ଧରି ଉକ୍ତ ସ୍ଥାନରେ ଘର କରି ରହିଆସୁଥିଲେ। ଉକ୍ତ ଜାଗାକୁ ନେଇ ସେହି ପଞ୍ଚାୟତର ବଳରାମ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ସହ ତାଙ୍କର ପୂର୍ବରୁ ବିବାଦ ରହିଥିଲା। ସେ ତାଙ୍କ ପରିବାର ସହ ଏକ ଶୁଦ୍ଧିକ୍ରିୟାରେ ଯୋଗ ଦେବାକୁ ଯଶୋଟିକିରି ଗ୍ରାମକୁ ଯାଇଥିବା ବେଳେ ଏହାର ସୁଯୋଗରେ ବଳରାମ ଗତ ୨୫ ତାରିଖ ସନ୍ଧ୍ୟାରେ ଜେସିବି ଲଗାଇ ଘର ଭାଙ୍ଗି ଦେଇଛନ୍ତି। ଏଥିସହ ଆସବାବପତ୍ର ଚୋରି କରି ନେଇଯାଇଥିବା ସେ ଦର୍ଶାଇଛନ୍ତି।

### ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ

ଭଣ୍ଡାରିପୋଖରୀ, ୨୭।୭ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ କହରାପୋଖରୀସ୍ଥିତ କ୍ରାନ୍ତି ମଇଦାନ ପରିସରରେ ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାରାଲିଗାଲ ସ୍ୱେଚ୍ଛାସେବୀ ନାରାୟଣ ପୋଥାଳ, ବୈଦ୍ୟନାଥ ଦାସ, ଶିକ୍ଷାବିତ୍ ପୁରୁଷୋତ୍ତମ ଧଳ, ନୃସିଂହ ମହାନ୍ତି, ବି. ଚନ୍ଦ୍ରିକା, ନାରାୟଣ ସ୍ୱାଇଁ, କୁସୁମ ଜେନା ପ୍ରମୁଖ ଯୋଗଦେଇ କ୍ରାନ୍ତି ମଇଦାନ ସମେତ ଧୂଳିଗଡ଼ିଆ ପଦିନାରାୟଣ ଗ୍ରାମ୍ୟ ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ କରିଥିଲେ। ସମସ୍ତେ ଗଛ ଲଗାଇ ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ।

'ଫାଇଭ୍-ଟି'କୁ ନେଇ କର୍ମଶାଳା

# ସେବା ପହଞ୍ଚାଇବା ଉପରେ ଗୁରୁତ୍ୱ

ଭଦ୍ରକ ଅଫିସ, ୨୭।୭


କର୍ମଶାଳାରେ ଉପସ୍ଥିତ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ସହ ଅନ୍ୟ ଅଧିକାରୀ।

ଭଦ୍ରକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ଶନିବାର ରାଜ୍ୟ ସରକାରଙ୍କ ଫାଇଭ-ଟି ମନ୍ତ୍ରକୁ ନେଇ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ପୀତାମ୍ବର ସାମଲଙ୍କ ସହ ଜିଲାସ୍ତରୀୟ ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଫାଇଭ୍-ଟି କାର୍ଯ୍ୟଧାରା ଟେକ୍ନୋଲୋଜି, ଟିମ୍‌ୱାର୍କ, ଟ୍ରାନ୍ସପରେନ୍ସି, ଟାଇମ ଓ ଟ୍ରାନ୍ସଫର୍ମେଶନ ସମ୍ପର୍କରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ। ମୁଖ୍ୟତଃ ସରକାରଙ୍କ ଦୋସ୍ତ କାର୍ଯ୍ୟକ୍ରମ (ଡୋର ଷ୍ଟେପ୍ ଡେଲିଭରି ଆଣ୍ଡ ସର୍ଭିସ ଟୁ ହାଉସ୍‌ହୋଲ୍ଡ) ହିତାଧିକାରୀଙ୍କ ଘରେ ପହଞ୍ଚି ବିଭିନ୍ନ ସରକାରୀ ଯୋଜନା ଉପଲବ୍ଧ କରାଇବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଗ୍ରାମାଞ୍ଚଳ ସ୍ତରର ବିଭିନ୍ନ ଯୋଜନାରୁ ବଞ୍ଚିତ ହିତାଧିକାରୀମାନଙ୍କୁ ତାଙ୍କ ଘର ମୁହଁରେ ସେହି ଯୋଜନା ପହଞ୍ଚାଇ ଲୋକଙ୍କ ନିକଟତର ହେବାକୁ ସେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପ୍ରତିମାସ ୪ର୍ଥ ଶନିବାର ସମୀକ୍ଷା କରାଯିବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା।

■ ଫ୍ଲୋର ମିଲ୍‌ରେ ଶ୍ରମିକ ଛଟେଇ ଘଟଣା

# ଶ୍ରମ ଅଧିକାରୀଙ୍କ ସହ ହୋଇପାରିଲାନି ଆଲୋଚନା

ଭଦ୍ରକ ଅଫିସ, ୨୭।୭


ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକଙ୍କ ବିକ୍ଷୋଭ।

**୨ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ**

ଭଦ୍ରକ ଚରମ୍ପାଠାରେ ଥିବା ଏକ ଫ୍ଲୋର ମିଲ୍‌ରେ କାର୍ଯ୍ୟରତ ୫୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ବିନା କାରଣରେ ଛଟେଇ କରାଯିବା ଘଟଣା ଉତ୍ତେଜନା ଆଡ଼କୁ ଗତି କରୁଛି। ଛଟେଇ ହୋଇଥିବା ଶ୍ରମିକ ପ୍ରତିନିଧି, ଭାରତୀୟ ମଜଦୁର ସଂଘ ଏବଂ ଜିଲା ଶ୍ରମ ଅଧିକାରୀଙ୍କୁ ନେଇ ମିଲ୍ କର୍ତ୍ତୃପକ୍ଷଙ୍କ ସହିତ ଶୁକ୍ରବାର ସନ୍ଧ୍ୟାରେ ଆଲୋଚନା ହେବାର ଥିଲା। ମିଲ୍ କର୍ତ୍ତୃପକ୍ଷଙ୍କ ଅସହଯୋଗ କାରଣରୁ ଆଲୋଚନା ହୋଇପାରି ନ ଥିବା ଅଭିଯୋଗ ହୋଇଛି। ଫଳରେ ଏହି ଅଶାନ୍ତି ତୀବ୍ର ରୂପ ଧାରଣ କରିଛି। ଶ୍ରମିକମାନେ ଆସନ୍ତା ଅଗଷ୍ଟ ୨ ତାରିଖଠାରୁ ମିଲ୍‌ରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଭାରତୀୟ ମଜଦୁର ସଂଘ ଅଭିଯୋଗ କରିଛି ଯେ, ଉକ୍ତ ଫ୍ଲୋର ମିଲ୍ କର୍ତ୍ତୃପକ୍ଷ ଶ୍ରମିକମାନଙ୍କୁ ନ୍ୟାଯ୍ୟ ଅଧିକାର ପ୍ରଦାନ ନ କରି ଶ୍ରମ ଆଇନକୁ ଉଲ୍ଲଂଘନ କରି କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ଏହା ସତ୍ତ୍ୱେ ମିଲ୍ ପକ୍ଷରୁ ବିନା କାରଣରେ ୫୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ଛଟେଇ କରାଯାଇଛି। ଏହାକୁ ନେଇ ସଂଘ ଉଦ୍‌ବେଗ ପ୍ରକାଶ କରିବା ସହ ଜିଲା ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଥିଲା।

ଜିଲା ପ୍ରଶାସନ ପକ୍ଷରୁ ଜିଲା ଶ୍ରମ ଅଧିକାରୀ ଏ ବାବଦରେ ଆଲୋଚନା ପାଇଁ ଗତ ୧୮ ତାରିଖକୁ ଦିନ ଧାର୍ଯ୍ୟ କରିଥିଲେ। ଏହା ବିଫଳ ହେବା ପରେ ପୁନର୍ବାର ଏ ସଂକ୍ରାନ୍ତରେ ଶୁକ୍ରବାର ଆଲୋଚନା ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ଜିଲା ଶ୍ରମ କାର୍ଯ୍ୟାଳୟରେ ଅଧିକାରୀ କୁବେର ବେହେରାଙ୍କ ପୌରୋହିତ୍ୟରେ ସଂଘର ରାଜ୍ୟ ଉପସାଧାରଣ ସମ୍ପାଦକ ଶାନ୍ତନୁ ମହାପାତ୍ର, ଜିଲା ସଂଘ ସଭାପତି ମନୋଜ ବସନ୍ତରାୟ, କାର୍ଯ୍ୟକାରୀ ସଭାପତି ବିଜୟ ମିଶ୍ର, ସମ୍ପାଦକ ମୁକ୍ତିକାନ୍ତ ସାହୁ, ପରେଶ ନାଥ ଧଳ, ଫ୍ଲୋର ମିଲ୍ ଶ୍ରମିକମାନଙ୍କ ପ୍ରତିନିଧି ଶୈଳେନ୍ଦ୍ର ମାହୁନ୍ତ, ନିର୍ମଳ ବେହେରା, ଉଦୟ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଆଲୋଚନା ପାଇଁ ସେମାନେ ବସି ରହିଥିବା ବେଳେ ମିଲ୍ କର୍ତ୍ତୃପକ୍ଷ ସେଠାକୁ ଆସି ନ ଥିଲେ। ଏହାକୁ ନେଇ ଅଶାନ୍ତି ବୃଦ୍ଧି ପାଇଥିଲା। ଏଥିସହ ଶ୍ରମିକ ଓ ସଂଘର କର୍ମକର୍ତ୍ତା ମିଲ୍ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରି ଶ୍ରମ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।





ରିଆଜ


ସତ୍ୟ


ରୂପା

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

## ଏଇ ସପ୍ତାହର କାର୍ଯ୍ୟକ୍ରମ

**ବନ୍ତ (୨୮।୭।୧୯)**
- ଚିନ୍ତା ଚେତନା ସାହିତ୍ୟ ସଂସଦର ମୌସୁମୀ କବିତା ଆସର, ସ୍ଥାନ: ଇଲେଭେନ୍ ଷ୍ଟାର୍ କ୍ଲବ, ଆଗରପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

**ଭଦ୍ରକ (୨୯।୭।୧୯)**
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭଦ୍ରକ ବ୍ଲକ ଅଫିସ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆମ ଗାଁ ଆମ ବିକାଶ କର୍ଯ୍ୟକ୍ରମର ସମୀକ୍ଷା, ସ୍ଥାନ: ଭଦ୍ରକ ବ୍ଲକ ଅଫିସ, ସମୟ: ଅପରାହ୍ନ ୧ଟା।

**୩୦।୭।୧୯**
- ନିଯୁକ୍ତି ପରାମର୍ଶ ଶିବିର, ସ୍ଥାନ: ଭଦ୍ରକ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ୧୦ ଟା।

**୩୧।୭।୧୯**
- ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା, ସ୍ଥାନ: ଭଦ୍ରକ ପୌରପରିଷଦ ଅଫିସ, ସମୟ: ଅପରାହ୍ନ ୨ଟା ୩୦।

# କାର୍‌ଗିଲ ବିଜୟ ଗାଥା ସମ୍ପର୍କିତ ପ୍ରତିଯୋଗିତା

ବନ୍ତ/ଭଣ୍ଡାରିପୋଖରୀ, ୨୭।୭ (ଡି.ଏନ.ଏ.)

କାର୍‌ଗିଲ ବିଜୟର ୨୦ ବର୍ଷ ପୂର୍ତ୍ତି ଅବସରରେ ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ପଳାସଗଡ଼ିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଜୟ ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ଶନିବାର ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ କାର୍‌ଗିଲ ବିଜୟ ଗାଥା ସମ୍ପର୍କିତ ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରାଙ୍କନ, ହିନ୍ଦୀ ରଚନା ଓ ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଙ୍ଗୀତରେ ନମ୍ରତା ସାହୁ, ଚିତ୍ରାଙ୍କନରେ ଗାୟତ୍ରୀ ପରିଡ଼ା, ହିନ୍ଦୀ ରଚନାରେ ସ୍ୱୟଂଶ୍ରୀ ପାତ୍ର ଓ ବକ୍ତୃତାରେ ଗାୟତ୍ରୀ ଦାସ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ଦେଶାତ୍ମବୋଧକ ନୃତ୍ୟ ପରିବେଷଣ ହୋଇଥିଲା। ଶିକ୍ଷକ ରତିକାନ୍ତ ପଣ୍ଡା, ଡ. ଅମ୍ବିକା ଜେନା, ସମର କୁମାର ପରିଡ଼ା, ଅବିନାଶ ଦାସ, ଧୃତିତପା ମଲ୍ଲିକ, ଚିନ୍ତାମଣି ମଲ୍ଲିକ, ବିଶ୍ୱରଞ୍ଜନ ମହାନ୍ତି, ମନୋରଞ୍ଜନ ବଳ ପ୍ରମୁଖ ପରିଚାଳନା କରିଥିଲେ।

ସେହିପରି ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ଭରତ ଚନ୍ଦ୍ର କରଣ ସଭାପତିତ୍ୱ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ଓ ତର୍କ ପ୍ରତିଯୋଗିତା ହୋଇଥିଲା। ଚିତ୍ରାଙ୍କନରେ ରଶ୍ମିରେଖା ଜେନା ୧ମ, ମାମୁନି ଜେନା ୨ୟ, ତପୁ ଜେନା ୩ୟ, ପ୍ରବନ୍ଧରେ କାହ୍ନୁଚରଣ ଭାରତୀ, ଆକାଶ କୁମାର ଜେନା ଓ ଦିବ୍ୟଜ୍ୟୋତି ଓଝା ୧ମ, ୨ୟ, ୩ୟ ସ୍ଥାନ ଅଧିକାର କରିଥିଲେ। ତର୍କରେ ବର୍ଷାରାଣୀ ପଲେଇ, ମଧୁସ୍ମିତା ବାରିକ ଓ ଗୀତା ମୁଣ୍ଡା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଅଧ୍ୟାପକ ଅନନ୍ତ କିଶୋର ମହାପାତ୍ର, କୃପାସିନ୍ଧୁ ସେଠୀ, ସୁଜାତାରାଣୀ ଦାସ, ହରିହର ସାହୁ, ମମିତାରାଣୀ ନାୟକ, ଶ୍ରାବଣୀ ଦାସ, ଗୀତାଞ୍ଜଳି ଦାଶ ବକ୍ତବ୍ୟ ରଖିଥିଲେ। ପ୍ରଥମେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।


ପଳାସଗଡ଼ିଆସ୍ଥିତ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀ।

## ସଂକ୍ଷେପରେ

### କାର୍ଯ୍ୟନିର୍ବାହୀ ସଭ୍ୟଙ୍କ ବାର୍ଷିକ ସମାବେଶ

ବାରିପଦା ଅଫିସ,୨୭।୭: ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରାଙ୍କ ଅଧକ୍ଷତାରେ ବାରିପଦା ମୁର୍ଗାବାଡି ସ୍ଥିତ ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ପରିସରରେ ଖେଳ ଓ କୁଦ, ଜୁନିୟର ରେଡ୍‌କ୍ରସ୍ ଏବଂ ସ୍କାଉଟ୍ସ ଓ ଗାଇଡ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ସଭ୍ୟମାନଙ୍କ ବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗୀରଥି ମଲିକ ପୂର୍ବ ବର୍ଷର ବାର୍ଷିକ ବିବରଣୀ ଓ ବଜେଟ ଉପସ୍ଥାପନ କରିଥିଲେ। ଏଥିସହ ଆସନ୍ତା ବର୍ଷ ଲାଗି କାର୍ଯ୍ୟକ୍ରମର ରୂପରେଖ ଉପସ୍ଥାପନା କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଭୋଜରାଜ ମହାପାତ୍ର, ଜିଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଜିଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ବ୍ଲକ ନୋଡାଲ ପ୍ରଧାନ ଶିକ୍ଷକ, ବ୍ଲକ ନୋଡାଲ ପିଇଟି, ଜୁନିୟର ରେଡ୍‌କ୍ରସ୍ ଏବଂ ସ୍କାଉଟ୍ସ ଓ ଗାଇଡ୍ସର ସମସ୍ତ କାର୍ଯ୍ୟନିର୍ବାହୀ ସଦସ୍ୟବୃନ୍ଦ ଏବଂ ଜିଲା ଶାରୀରିକ ଶିକ୍ଷା ଶିକ୍ଷକ ସଂଘର ସମସ୍ତ ମୁଖ୍ୟ ସଭ୍ୟ ଉପସ୍ଥିତ ଥିଲେ। ଆସନ୍ତା ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ଏକ ସମ୍ମିଳନୀ ଆୟୋଜନ କରାଯିବା ଲାଗି ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଜୁନିୟର ରେଡ୍‌କ୍ରସ୍‌ର ରାଜ୍ୟ ସାଧନା କର୍ମୀ ଡ.ଶଶୀଧର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ବିଜୟ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଡ.ମନତୋଷ ଶ୍ରେଷ୍ଠ ଶିକ୍ଷକ ବିବେଚିତ

ବାରିପଦା ଅଫିସ,୨୭।୭- ଚିତ୍ତରଞ୍ଜନ ପତି ଫାଉଣ୍ଡେଶନର ଆବାହକ ତଥା ସୋର, ବାଗୁଡିସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ଶିକ୍ଷକ ଡ. ମନତୋଷ କୁମାର ପତି ଶ୍ରେଷ୍ଠ ଶିକ୍ଷକ ଭାବେ ବିବେଚିତ ହୋଇ ସମ୍ବର୍ଦ୍ଧିତ ହୋଇଛନ୍ତି। ଛତିଶଗଡ଼ ରାଜ୍ୟ ଜବଲପୁର ଠାରେ ଅନୁଷ୍ଠିତ ନବୋଦୟ ଭୋପାଲ କ୍ଷେତ୍ର ପରିସରର ସମାବର୍ତ୍ତନ ସମାରୋହରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ତାଙ୍କର ଏହି ସଫଳତାରେ ଫାଉଣ୍ଡେଶନର କର୍ମକର୍ତ୍ତା, ଅନୁଷ୍ଠାନର ଅଧକ୍ଷା, ଅଭିଭାବକ, ଛାତ୍ରୀଛାତ୍ରମାନେ କୃତଜ୍ଞତା ଜଣାଇଛନ୍ତି।

### ଉଦଳା ଉଚ୍ଚ ବିଦ୍ୟାଳୟରେ ଯୋଗାଭ୍ୟାସ

ଉଦଳା, ୨୭।୭ (ଡି.ଏନ.ଏ.) : ଉଦଳା ଉଚ୍ଚ ବିଦ୍ୟାଳୟ ପରିସରରେ ପତଞ୍ଜଳି ଯୋଗ ପ୍ରଚାର ସମିତି ସହଯୋଗରେ ଏକ ଯୋଗାଭ୍ୟାସ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗୌତମ କୁମାର ପାତ୍ର ଏବଂ ଏନସିସି ଶିକ୍ଷକ ନାରାୟଣ ହାତୀମଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପତଞ୍ଜଳି ଯୋଗ ପ୍ରଚାର ସମିତି ଉଦଳା ଶାଖାର ସଭାପତି ଜୟଗୋପାଲ ରାୟ, ଯୋଗ ପ୍ରଶିକ୍ଷକ ବ୍ରହ୍ମାନନ୍ଦ ନାୟକ ଯୋଗ ଏବଂ ପ୍ରାଣାୟମର ଉପକାରିତା ସମ୍ପର୍କରେ ଆଲୋଚନା କରି ପରେ ଛାତ୍ରମାନଙ୍କୁ ବିଭିନ୍ନ ପ୍ରକାର ଯୋଗାଭ୍ୟାସ କରାଇଥିଲେ।

### ଅନ୍ଧାରିମୁଳକ ବାଲ୍‌ମା
### ଡିବିରି ଆଲୁଅ, କାଠ ନିଆଁ ଭରସା

ଉଦଳା,୨୭।୭(ଡି.ଏନ୍.ଏ.)-ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧୀନ କୁଣ୍ଡାବାଇ ପଞ୍ଚାୟତର ବାଲ୍‌ମା (ଉପର ତାଳଡିହା) ଗ୍ରାମ ଏଯାଏ ଅନ୍ଧାରିମୁଳକ ହୋଇ ରହିଛି। ଗ୍ରାମବାସୀଙ୍କ ଲାଗି ବିଜୁଳି ଆଲୁଅ ସାତସପନ ପାଲଟିଛି। ୩୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ଡିବିରି ଆଲୁଅ ଓ କାଠ ନିଆଁକୁ ଭରସାକରି ରାତି ଅନ୍ଧାରରେ ଜୀବନ ବିତାଉଛନ୍ତି। ଲୋକଙ୍କୁ ପିଡିଏସ୍ କିରୋସିନ ଯାହା ମିଳେ ତାହା ଗୋଟିଏ ସପ୍ତାହରେ ଶେଷ ହୋଇଯାଉଛି। ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଦେବା ନିମନ୍ତେ ଗ୍ରାମବାସୀ ବିଭିନ୍ନ ସମୟରେ ସ୍ଥାନୀୟ ପ୍ରଶାସନ ଏବଂ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ମଧ ପ୍ରଶାସନ କୌଣସି ପଦକ୍ଷେପ ନେଇ ନାହିଁ। ଗ୍ରାମର ବାସିନ୍ଦାମାନେ ଶୁକ୍ରବାର ଏ ନେଇ ମୟୂରଭଞ୍ଜ ମୁକ୍ତିମୋର୍ଚ୍ଚା ନେତୃତ୍ୱରେ ପୁନଃ ଦାବି ଉପସ୍ଥାପନ କରିଛନ୍ତି। ଆୟୋଜିତ ଏକ ବୈଠକରେ ଉଦଳା ବ୍ଲକ ଉପସଭାପତି ବିକାଶ ସିଂ, ବାଲିଆ ସୋରେନ୍, ବୁଦ୍ଧିରାମ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ୭ ଦିନ ମଧରେ ବିଦ୍ୟୁତ୍ ସେବା ଯୋଗାଇଦିଆ ନ ଗଲେ କପ୍ତିପଦା ସବ୍‌ଡିଭିଜନ ନେସ୍କୋ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ମୋର୍ଚ୍ଚାର ଜିଲା ସଂଗଠନ ଅଧକ୍ଷ ଧର୍ମରାଜ ହାଁସଦା ଚେତାବନୀ ଦେଇଛନ୍ତି।

# କାମରେ ଲାଗୁନି ଚେକ୍‌ଡ୍ୟାମ୍

କପ୍ତିପଦା,୨୭।୭(ଡି.ଏନ.ଏ.)


ନିର୍ମାଣ ହୋଇଥିବା ଚେକ୍ ଡ୍ୟାମ୍।

- ଲୋକଙ୍କ ଅଭିଯୋଗ ଶୁଣୁନି ବିଭାଗ
- ତ୍ରୁଟିପୂର୍ଣ୍ଣ ସ୍ଥାନ ନିରୂପଣ
- ନିମ୍ନମାନର କାମ ଯୋଗୁ କଂକ୍ରିଟ ବନ୍ଧରେ ଫାଟ

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଧୀନ ଜେ.ଏସ୍. ଜାମୁଡିହା ପଞ୍ଚାୟତର କେତେକ ଗ୍ରାମ ଶିମିଳିପାଳ ଅଭୟାରଣ୍ୟ ପାଦଦେଶରେ ଅବସ୍ଥିତ। ଏଠାରେ ବସବାସ କରୁଥିବା ଆଦିବାସୀଙ୍କର ଶହ ଶହ ଏକର ପାହାଡ଼ିଆ ଉଚ୍ଚ ଜମି ରହିଛି। ଏହି ଅଞ୍ଚଳରେ ବର୍ଷାଜଳକୁ ଧରି ରଖି ଚାଷକାର୍ଯ୍ୟରେ ବିନିଯୋଗ କରିବା ଲାଗି ୨୦୧୫-୧୬ ଆର୍ଥିକବର୍ଷରେ ଜାମୁଡିହା ପଞ୍ଚାୟତର କଣ୍ଟିଆଳି ଗ୍ରାମରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଶିମିଳିପାଳରୁ ବାହାରିଥିବା ଠକ୍‌ଠକି ନଦୀ ଉପରେ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଥିଲା। ପ୍ରକଳ୍ପ ନିର୍ମାଣ ସମୟରେ ସ୍ଥାନୀୟ ଚାଷୀଙ୍କ ପରାମର୍ଶକୁ ଅଣଦେଖା କରି ସ୍ଥାନ ନିରୂପଣ କରାଯାଇଥିବାରୁ ସବୁ ଚାଷଜମିକୁ ପାଣି ମାଡ଼ିପାରୁ ନାହିଁ। ଏ ନେଇ ସ୍ଥାନୀୟ ଚାଷୀ ବାରମ୍ବାର ଅଭିଯୋଗ କରିବା ପରେ ୨୦୧୮-୧୯ ଆର୍ଥିକ ବର୍ଷରେ ପ୍ରାୟ ୧୫ ଲକ୍ଷ ଟଙ୍କା ବ୍ୟୟରେ ଚେକ୍ ଡ୍ୟାମ୍‌ର ନବୀକରଣ କରାଯାଇଥଲା। କିନ୍ତୁ ନିର୍ମାଣଗତ ତ୍ରୁଟି ଯୋଗୁ ପ୍ରକଳ୍ପ ପାର୍ଶ୍ୱବର୍ତ୍ତୀ ଚାଷଜମିକୁ ପାଣି ମାଡୁ ନ ଥିବା ଚାଷୀ ପ୍ରଦୀପ କୁମାର ନାଏକ, ଭଗୀରଥ ନାଏକ ଓ ଜଗନ୍ନାଥ ପାଳବାବୁ ପ୍ରମୁଖ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ, ପ୍ରକଳ୍ପ ନିର୍ମାଣ କାମ ନିମ୍ନମାନର ହେବା ସମ୍ପର୍କରେ ଜିଲାପାଳ, ଭିଜିଲାନ୍ସ ଓ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ୨୦୧୮ ଖରିଫ୍ ଚାଷ ସମୟରେ ଦୁଇଥର ଲିଖିତ ଅଭିଯୋଗ କରିଥିଲେ। ଏଯାଏ ଏହାର ତଦନ୍ତ କି ଅନୁସନ୍ଧାନ କରାଯାଇ ନାହିଁ। ଚେକ୍‌ଡ୍ୟାମ୍‌ର ଢଳେଇ ୱାଲରେ ସ୍ଥାନେ ସ୍ଥାନେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି। ଡ୍ୟାମ୍‌ରୁ ଗେଟ୍ ମାଧମରେ ଜଳ ନିଷ୍କାସନ ପରେ ଯେଉଁ କେନାଲ ମାଧମରେ ପାଣି ଚାଷଜମିରେ ପହଞ୍ଚିବାର ବ୍ୟବସ୍ଥା କରାଯାଇଛି ତାହା ଅସମ୍ପୂର୍ଣ୍ଣ ରହିଛି। ଚଳିତ ବର୍ଷ କମ୍ ବୃଷ୍ଟିପାତକୁ ନେଇ ଚାଷୀଙ୍କ ଚିନ୍ତାବଢ଼ାଇଛି। ଚେକ୍ ଡ୍ୟାମ୍ ଉପରକୁ ରହିଯାଇଥିବା ଜମିସବୁ ଏଥର ପଡ଼ିଆ ପଡ଼ିବା ଆଶଙ୍କା ଦେଖାଦେଇଛି। ବର୍ତ୍ତମାନ ସୁଦ୍ଧା ସେହି ଜମିରେ ତଳି ପକା କାମ ହୋଇପାରି ନାହିଁ ବୋଲି ଚାଷୀ ନିର ପାତ୍ର ଓ ପଞ୍ଚାନନ ବିଶ୍ୱାଳ ପ୍ରମୁଖ କହିଛନ୍ତି। ଚାଷୀଙ୍କ ଅଭିଯୋଗ ସମ୍ପର୍କରେ ଜଣେ ଅଧିକାରୀଙ୍କୁ ପଚାରିବାରୁ ପ୍ରକଳ୍ପ ନିର୍ମାଣ କାମର ତଦାରଖ କରାଯାଉଛି ବୋଲି କହିଛନ୍ତି।

## ନାଗ ଓକାଳିଲା ୭ କୁକୁଡ଼ା ଅଣ୍ଡା

ଉଦଳା, ୨୭।୭ (ଡି.ଏନ.ଏ.)


ସାପ ଓକାଳିଥିବା ଅଣ୍ଡା।

ମୟୂରଭଞ୍ଜ ଜିଲା ଉଦଳା ଅଞ୍ଚଳରେ ଏକ ନାଗ ସାପ କୁକୁଡା ଭାଡିରେ ପଶି କୁକୁଡା ମାରିବା ସହିତ କେତୋଟଇ ଅଣ୍ଡା ଗିଳି ଦେଇଥିଲା। ପରେ ଏହି ନାଗ ସାପ ଚଲାବୁଲା କରି ନ ପାରି ଗୋଟିଏ ସ୍ଥାନରେ ପଡି ରହିଥିଲା। ଶନିବାର ସ୍ନେକ ଲାଇଫ୍ ଲାଇନର ସଦସ୍ୟ ଆସି ସାପକୁ ପରୀକ୍ଷା କଲା ବେଳେ ସେ ୭ଟି ଅଣ୍ଡା ଓକାଳି ପକାଇଥିଲା। ସେଥିରୁ ଗୋଟିଏ ଅଣ୍ଡା ଭାଙ୍ଗିଥିବା ବେଳେ ଅନ୍ୟସବୁ ଅକ୍ଷତ ରହିଥିଲା।

ଉଦଳା ଏନଏସି ଅଧୀନ ୩ ନମ୍ବର ୱାର୍ଡରେ ସିଦ୍ଧାର୍ଥ ମଲ୍ଲିକଙ୍କ କୁକୁଡା ଭାଡିରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସିଦ୍ଧାର୍ଥଙ୍କ ସ୍ତ୍ରୀ ସକାଳେ କୁକୁଡା ବାହାରକୁ କାଢିବା ନିମନ୍ତେ ଭାଡି ନିକଟକୁ ଯାଇଥିବା ବେଳେ ସେଠାରେ ଗୋଟିଏ କୁକୁଡା ମରି ପଡିଥିବାର ଦେଖିବାକୁ ପାଇଥିଲେ। ପରେ ସେଠାରେ ଏକ ନାଗସାପ ରହିଥିବା ଜାଣିପାରିଥିଲେ। ଏ ନେଇ ସଙ୍ଗେ ସଙ୍ଗେ ସିଦ୍ଧାର୍ଥ ସ୍ନେକ ଲାଇଫ୍ ଲାଇନ ସହ ଯୋଗାଯୋଗ କରିଥିଲେ। ସ୍ନେକ ଲାଇଫ୍ ଲାଇନର ସଦସ୍ୟ ଅଭିଜିତ୍ ବେହେରା ଏବଂ ଅଭିନନ୍ଦନ ଦଣ୍ଡପାଟ ଘଟଣାସ୍ଥଳରେ ପହଞ୍ଚି ନାଗ ସାପଟିକୁ ଉଦ୍ଧାର କରିଥିଲେ। ଅଣ୍ଡାକୁ ଓକାଳି ପକାଇବା ପରେ ନାଗ ସାପ ସୁସ୍ଥ ହେବାରୁ ଲାଇଫ୍ ଲାଇନର ସଦସ୍ୟମାନେ ତାକୁ ନେଇ ଶିମିଳିପାଳ ଜଙ୍ଗଲରେ ଛାଡି ଥିବା ଜଣାପଡିଛି।

## ଅଭିଯୁକ୍ତ ଗିରଫ, ଲୁଟ୍ ଟଙ୍କା ଉଦ୍ଧାର

ଉଦଳା, ୨୭।୭ (ଡି.ଏନ.ଏ.)


ଗିରଫ ଅଭିଯୁକ୍ତ।

ମୟୂରଭଞ୍ଜ ଜିଲା ଉଦଳା ମସଜିଦ୍ ଛକ ନିକଟରେ ଥିବା ମାରୁତି ସୁଜୁକି ଶୋ' ରୁମରୁ ଗତ ୧୮ ତାରିଖ ରାତିରେ ୨ ଲକ୍ଷ ୨୬ ହଜାର ଟଙ୍କା ଚୋରି ହେବା ଘଟଣାର ପୋଲିସ ପର୍ଦ୍ଦାଫାସ କରିଛି। ପୋଲିସ ୧ ଲକ୍ଷ ୨୦ ହଜାର ଟଙ୍କା ଲୁଟ୍ ଟଙ୍କା ଉଦ୍ଧାର କରିବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଗିରଫ ଅଭିଯୁକ୍ତ ହେଲେ ଶୋ ରୁମର ଡ୍ରାଇଭର ସତ୍ୟବାନ ପ୍ରଧାନ(୨୬)। ତାଙ୍କ ଘର କପ୍ତିପଦା ଥାନା ଜାରଡା ଗ୍ରାମରେ।

ପୋଲିସ ଏହି ସୂଚନା ଦେଇ କହିଛି ଯେ, ଶୋ' ରୁମ ଚୋରି ଘଟଣା ନେଇ ଅଭିଯୋଗ ହେବା ପରେ ଥାନାରେ ମାମଲା (ନଂ. ୮୨/୧୯) ରୁଜୁ ହୋଇ ତଦନ୍ତ ଆରମ୍ଭ କରାଯାଥିଲା। ସନ୍ଦେହରେ ଶୋ' ରୁମ୍‌ର ସମସ୍ତ କର୍ମଚାରୀଙ୍କୁ ପଚରାଉଚରା କରାଯାଇଥିଲା। ଜେରା ବେଳେ ଅଭିଯୁକ୍ତ ସତ୍ୟବାନ ଦୋଷ ସ୍ୱୀକାର କରି କିଭଳି ଭାବେ ସେ ଟଙ୍କା ଲୁଟ୍ କରିଥିଲା, ତାହା ପ୍ରକାଶ କରିଥିଲା। ସେଦିନ ବିଳମ୍ବିତ ରାତିରେ ସେ ଛାତ ସାହାଯ୍ୟରେ ବାଥରୁମକୁ ଯାଇ ସ୍କାଏ ଲାଇଟ୍ ବାଟେ ଶୋ' ରୁମ ଭିତରକୁ ପଶିଥିଲେ। ପରେ ଟେବୁଲର ଡ୍ରୟାର ଭାଙ୍ଗି ସେଥିରେ ଥିବା ଟଙ୍କା ଲୁଟି ନେଇଥିଲେ। ଏହି ଟଙ୍କାକୁ ଏକ ପଲିଥିନ୍ ବ୍ୟାଗରେ ରଖି ତାଙ୍କ ଘର ବାଡିରେ ଗାତ ଖୋଳି ପୋତି ଦେଇଥିଲେ। ତଦନ୍ତ ବେଳେ ପୋଲିସ୍ ବାରିପଦାର ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁରର ସହାୟତା ନେଇଥିଲେ। ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି।

## ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ୮୯କୁ ବୃଦ୍ଧି

କୁଆମରା,୨୭।୭(ଡି.ଏନ.ଏ.)

- ମାଙ୍କଡ଼କେନ୍ଦାରେ ଭୟର ବାତାବରଣ
- ରୋଗୀଙ୍କ ମଳ ଓ ପାନୀୟଜଳ ନମୁନା ପରୀକ୍ଷା ଲାଗି ପଠାଗଲା
- ଚିକିତ୍ସା ପରେ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର

ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତର ମାଙ୍କଡକେନ୍ଦା ଗ୍ରାମରେ ଭୋଜି ଖାଇ ସ୍କୁଲ ପିଲାଙ୍କ ସମେତ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଲୋକଙ୍କ ସଂଖ୍ୟା ୮୯କୁ ବୃଦ୍ଧି ପାଇଛି। ଏ ନେଇ ଗାଁ ଲୋକଙ୍କ ମଧରେ ଭୟର ବାତାବରଣ ଖେଳିଯାଇଛି। ଅନେକ ଆକ୍ରାନ୍ତ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିବା ବେଳେ ଆଉ କେତେକେ ଗାଁରେ ରହି ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ଚିକିତ୍ସକ ଦଳ ଗାଁକୁ ଯାଇ ଚିକିତ୍ସା ବ୍ୟବସ୍ଥା ତଦାରଖ କରିବା ସହ ଆକ୍ରାନ୍ତଙ୍କୁ ଔଷଧ ବିତରଣ କରି ଫେରିଛନ୍ତି। ସେମାନେ ପାନୀୟ ଜଳ ଓ ମଳର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି।

ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ ଗତ ବୁଧବାର ରାତିରେ ଭୋଗ ଖାଇବା ପରେ କେତେଜଣ ବ୍ୟକ୍ତି ଅସୁସ୍ଥ ହୋଇପଡିଥିଲେ। ପରେ ସେମାନେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଗୁରୁବାର ରାତି ସୁଦ୍ଧା ମୋଟ ୮୨ଜଣ ବ୍ୟକ୍ତି ଡାଇରିଆରେ ଆକ୍ରାନ୍ତ ହୋଇଥିଲେ। ଶୁକ୍ରବାର ରାତିରେ ଆଉ ୭ ଜଣଙ୍କୁ ଝାଡାବାନ୍ତି ହେବାରୁ ଆକ୍ରାନ୍ତଙ୍କ ସଂଖ୍ୟା ୮୯କୁ ବୃଦ୍ଧି ପାଇଥିଲା। ପୂର୍ବରୁ ଯେଉଁମାନେ ଆକ୍ରାନ୍ତ ଥିଲେ ସେମାନଙ୍କ ଅବସ୍ଥା ସ୍ଥିର ରହିଥିବା ଜଣାଯାଇଛି। ଶୁକ୍ରବାର ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଖୁଣ୍ଟା ଡାକ୍ତରଖାନାର ଭ୍ରାମ୍ୟମାଣ ଡାକ୍ତରୀ ଦଳ ଗାଁରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି। ଡାଇରିଆରେ ଆକ୍ରାନ୍ତ ହୋଇ ନ ଥିବା ବ୍ୟକ୍ତିଙ୍କୁ ପ୍ରତିଷେଧକ ଔଷଧ ପ୍ରଦାନ କରାଯାଇଥିଲା। ଡାଇରିଆ ବ୍ୟାପିବାର ଠିକ୍ କାରଣ ଜଣାପଡି ନ ଥିବାରୁ ଚିକିତ୍ସକଦଳ ପାନୀୟ ଜଳ ସାଙ୍ଗକୁ ମଳର ନମୁନା ସଂଗ୍ରହ କରିଥିବା ପ୍ରକାଶ କରିଛନ୍ତି। ସ୍ଥାନୀୟ ପୁରୁଣା ବାରିପଦା ଉପସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ଦେବୀପଦ ବିଶ୍ୱାଳ, ମାନସ ସାହୁ, କନକ ମାଇତି, ଆଶା ସୁଜାତା ବେହେରା ଓ ଅଙ୍ଗନୱାଡି କର୍ମୀ ଜାନକୀ ସିଂ ଘର ଘର ବୁଲି ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝି ଔଷଧ ପ୍ରଦାନ ସହ ସଚେତନତା ସୃଷ୍ଟି କରୁଛନ୍ତି।

### ଏମ୍‌କେସି ହାଇସ୍କୁଲ ପରିସରରେ ଚାରାରୋପଣ

ବାରିପଦା ଅଫିସ,୨୭।୭

ବାରିପଦା ସହର ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲ ପରିସରରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ଡ. ପ୍ରଜ୍ଞାପାରମିତା ଜେନାଙ୍କ ପୌରୋହିତ୍ୟରେ ଏକ ସଭା ହୋଇଥିଲା। ଆଇନ ସାକ୍ଷରତା କ୍ଲବର ମୁଖ୍ୟ ତଥା ଶିକ୍ଷକ ଅମୂଲ୍ୟ କୁମ୍ଭକାରଙ୍କ ତତ୍ତ୍ୱାବଧାନରେ କ୍ଲବର ସଦସ୍ୟ ଓ ଛାତ୍ରୀଛାତ୍ର ଚାରା ରୋପଣ କରିଥିଲେ। ଜିଲା ଇକୋ କ୍ଲବର ମନିଟରିଂ ଟିମ୍ ସଦସ୍ୟ ତଥା କୃତୀ ଶିକ୍ଷକ ଡ.ଶଶୀଧର ବିଶ୍ୱାଳ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଶେଷରେ ଇକୋ କ୍ଲବର ସଦସ୍ୟ ତଥା ଭାରତ ଶିକ୍ଷାରତ୍ନ ଶିକ୍ଷକ ଅମିତାଭ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାବଲମ୍ବୀ ହେଲେ ଦୁଇ 'ସ୍ୱୟଂସିଦ୍ଧା'


ଜିଲାପାଳ ବିନିତ ଭରଦ୍ୱାଜ ମାମିନା ଓ ସ୍ମୃତିଲତାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବାରିପଦା ଅଫିସ,୨୭।୭

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲା ସବୁବେଳେ ବାଲ୍ୟବିବାହକୁ ନେଇ ଚର୍ଚ୍ଚାରେ ରହିଆସିଛି। ବାଲ୍ୟବିବାହର ଶିକାର ହେଉଥିବା ନାବାଳିକାଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ 'ସ୍ୱୟଂସିଦ୍ଧା' ଗଠନ କରାଯାଇଥିଲା। ଲକ୍ଷ୍ୟ ଥିଲା ଟିମ୍‌ର ସଦସ୍ୟମାନେ ନାବାଳିକାମାନଙ୍କୁ ବାଲ୍ୟବିବାହର କୁପରିଣତି ସମ୍ପର୍କରେ ସଚେତନ କରିବେ। ଏହି ସ୍ୱୟଂସିଦ୍ଧା ଟିମ୍‌ର ଦୁଇଜଣ ସଦସ୍ୟା ମାମିନା ନାୟକ ଓ ସ୍ମୃତିଲତା ସିଂଙ୍କୁ ଦୀନ୍‌ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ କାର୍ଯ୍ୟକ୍ରମ ଜରିଆରେ ତାଲିମ ଦେଇ ସ୍ୱାବଲମ୍ବୀ କରାଇବାରେ ସକ୍ଷମ ହୋଇଛି ଜିଲା ଶିଶୁ ସୁରକ୍ଷା ୟୁନିଟ। ମାମିନା ଓ ସ୍ମୃତିଲତା ବାଙ୍ଗାଲୋରସ୍ଥିତ ଏକ କମ୍ପାନୀରେ ନିଯୁକ୍ତି ପାଇବା ନେଇ ମନୋନୀତ ହୋଇଛନ୍ତି। ଏନେଇ ଜିଲାପାଳ ବିନିତ ଭରଦ୍ୱାଜ ମାମିନା ଓ ସ୍ମୃତିଲତାଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ ଏବଂ ଓରମାସର ବିମାନ ମଲ ପ୍ରମୁଖ ଉପସ୍ଥିତ ଥିଲେ।

## ନିଶା ନିବାରଣ ଲାଗି ଦସ୍ତଖତ ସମ୍ବଳିତ ଦରଖାସ୍ତ ପ୍ରେରଣ

କୁଆମରା, ୨୭।୭(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ଅବକାରୀ ନୀତି ବିରୋଧରେ ଜନ ସଚେତନତା ସୃଷ୍ଟି କରିବା ସହ ନିଶା ନିବାରଣ ଲାଗି ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ସାଇଁକୁଲା ପଞ୍ଚାୟତର 'ଆହ୍ୱାନ' ସଂଗଠନ ଓ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ୫ଶହ ଦସ୍ତଖତ ସମ୍ବଳିତ ଏକ ଦରଖାସ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯାଇଛି। ପଞ୍ଚାୟତର ବିଭିନ୍ନ ଗ୍ରାମ ଓ ଛକ ସ୍ଥାନରେ ଚୋରା ମଦ ଅବାଧରେ ବିକ୍ରି ହେଉଥିବା ବେଳେ ଅବକାରୀ ବିଭାଗ ଏହାକୁ ଘଣ୍ଟ ଘୋଡାଇ ରଖୁଥିବାର ଅଭିଯୋଗ ହୋଇଛି। ମାଦକ ଦ୍ରବ୍ୟର ପ୍ରସାର ଯୋଗୁ ବିଭିନ୍ନ ସମୟରେ ଅପରାଧ ଓ ରାହାଜାନୀ ଘଟୁଥିବାର ଦେଖିବାକୁ ମିଳୁଛି। ରାଜ୍ୟ ସରକାର ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ନକଲେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଭଗବାନ ନାୟକ, ସନାତନ ଜେନା, କ୍ଷେତ୍ର ମୋହନ ମିଶ୍ର, ଗୌରହରି ଦାସ, କରୁଣା କର ମହାପାତ୍ର, ପ୍ରଫୁଲ୍ଲ ଦଣ୍ଡପାଟ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ବୈଶିଙ୍ଗା, ବେତନଟୀ ଅଞ୍ଚଳର ବିକାଶ ଲାଗି ଦାବିପତ୍ର
### ଦିଲ୍ଲୀରେ ବିଭାଗୀୟ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଭାଜପା ପ୍ରତିନିଧି ଦଳ

ବୈଶିଙ୍ଗା,୨୭।୭(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲାର ଅବହେଳିତ ବୈଶିଙ୍ଗା ଓ ବେତନଟୀ ଅଞ୍ଚଳର ସମସ୍ୟା ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ଜିଲା ଭାଜପା ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏକ ପ୍ରତିନିଧିଦଳ ଦିଲ୍ଲୀ ଗସ୍ତକରି ରୂପ୍‌ସା-ବାଙ୍ଗିରିପୋଷୀ ରେଳପଥରେ ବୈଶିଙ୍ଗା ନିକଟସ୍ଥ ଯୁଗପୁରା ରେଳଷ୍ଟେଶନରେ ପ୍ଲାଟଫର୍ମ ନିର୍ମାଣ ସାଙ୍ଗକୁ ଅନ୍ୟ ଷ୍ଟେଶନରେ ଭିତ୍ତିଭୂମିର ବିକାଶ, ଯୁଗପୁରା ଓ ଠାକୁରମୁଣ୍ଡା ଷ୍ଟେଶନ ମଧ୍ୟବର୍ତ୍ତୀ ମଛପଦାଠାରେ ପାସେଞ୍ଜର ହଲ୍ଟ ବ୍ୟବସ୍ଥା, ବେତନଟୀରେ କମ୍ପ୍ୟୁଟର ମାଧମରେ ଟିକେଟ ସଂରକ୍ଷଣ ବ୍ୟବସ୍ଥା କରାଯିବା, ୧୮ ନମ୍ବର ଜାତୀୟ ରାଜପଥର ଆଗ୍ରିଆ ଛକ ନିକଟରେ ଗଳାପୋଲ ନିର୍ମାଣ ଏବଂ ରାସଗୋବିନ୍ଦପୁର ନିକଟସ୍ଥ ଅମର୍ଦ୍ଦା ଏୟାରପୋର୍ଟ ପୁନଃ କାର୍ଯ୍ୟକ୍ଷମ କରାଯିବା ସକାଶେ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି।

ପ୍ରତିନିଧି ଦଳ ରେଳମନ୍ତ୍ରୀ ପୀୟୂଷ ଗୋୟଲ,ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ, ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଭେଟି ଏସବୁ ସମସ୍ୟା ନେଇ ଆଲୋଚନା କରିଥିଲେ। ଓଡ଼ିଶାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ଭାଜପା ପ୍ରତିନିଧି ମଣ୍ଡଳୀରେ ମୟୂରଭଞ୍ଜ ଜିଲା ଭାଜପା ଉପସଭାପତି ସୁବାସ ଚନ୍ଦ୍ର ପ୍ରଧାନ, ୩୬ ନଂ. ଜିଲା ପରିଷଦ ସଭ୍ୟ ବ୍ରଜମୋହନ ବେହେରା, ୩୬ ନଂ. ଜୋନ ଭାଜପା ମଣ୍ଡଳ ସଭାପତି ରତିକାନ୍ତ ମହାନ୍ତ, ୩୫ ନମ୍ବର ଜୋନ ମଣ୍ଡଳ ସଭାପତି ରାଜକିଶୋର ସାହା, ଯୁବନେତା ଜୀବନ ପରିଡ଼ା ଏବଂ ବୈଶିଙ୍ଗା ଜୋନ୍‌ର ବରିଷ୍ଠ ନେତା ଲକ୍ଷ୍ମୀଧର ଦଣ୍ଡପାଟ ସାମିଲ ହୋଇଥିଲେ। ସେମାନେ ଦର୍ଶାଇଥିଲେ ଯେ, ବୈଶିଙ୍ଗା, ବେତନଟୀ ଅଞ୍ଚଳ ଦେଇ ଯାଇଥିବା ରେଳପଥରେ ବହୁବିଧ ସମସ୍ୟା ଲାଗି ରହିଛି। ଯୁଗପୁରା ଷ୍ଟେଶନରେ ପ୍ଲାଟଫର୍ମ ନ ଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଭିତ୍ତିଭୂମି ଥାଇ ରେଳପଥର ଆବଶ୍ୟକ ବିକାଶ କରାଯାଇ ନାହିଁ। ୧୮ ନମ୍ବର ଜାତୀୟ ରାଜପଥର ଆଗ୍ରିଆ ଛକ ନିକଟରେ ଗଳାପୋଲ ନ ଥିବାରୁ ଅଞ୍ଚଳବାସୀ ଯାତାୟାତ କ୍ଷେତ୍ରରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅଞ୍ଚଳରେ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ଦରକାର। ଆଲୋଚନା ଅବସରରେ ବେତନଟୀ ବ୍ଲକର ୨୪ ପଞ୍ଚାୟତରେ ସୋଲାର ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା କରାଯିବା ଲାଗି ପ୍ରତିନିଧି ଦଳ ଦାବି କରିଥିଲେ।

### ବିଦ୍ୟାଳୟରେ ଚାରା ରୋପଣ ତାଲିମ

କୁଆମରା, ୨୭।୭(ଡି.ଏନ.ଏ.)

ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଗ୍ରାମର ସନ୍ତୋଷୀ ସେବା ସମିତି ଓ ଜଷ୍ଟ ବ୍ରିଥ ମିଳିତ ଆନୁକୂଲ୍ୟରେ ରିଜିଓନାଲ ଏକାଡେମୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରା ରୋପଣ ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ସେବା ସମିତିର ସଭାପତି ରାଧିକା ଶର୍ମା, ସମ୍ପାଦିକା କ୍ରିଷ୍ଣା ବାଇ ଶର୍ମା ଓ ଜଷ୍ଟ ବ୍ରିଥ ର ସଭାପତି ମୟୂର ଜେନାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକ ବିଭିନ୍ନ ବୃକ୍ଷର ମଞ୍ଜି ସଂଗ୍ରହ କରି 'ଏ କନୂତନ ପ୍ରକ୍ରିୟାରେ ରୋପଣ କରିଥିଲେ। ଏହି ନୂତନ କୌଶଳ ଉପରେ ଛାତ୍ରୀଛାତ୍ରଙ୍କୁ ପ୍ରଥମେ ତାଲିମ ଦିଆଯାଇ ଥିଲା। ପ୍ରଧାନ ଶିକ୍ଷକ କାର୍ଯକ୍ରମ ପରିଚାଳନା କରିଥିଲେ।

## ବେତନଟୀକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ନେଇ ଅନିଶ୍ଚୟତା
# ୮ ବର୍ଷ ହେଲା ସରକାରଙ୍କୁ ତଥ୍ୟ ଦେଉନି ପ୍ରଶାସନ

ବାରିପଦା ଅଫିସ,୨୭।୭

ସମଗ୍ର ରାଜ୍ୟରେ ଆୟତନ ଓ ଜନସଂଖ୍ୟା ହିସାବରେ ମୟୂରଭଞ୍ଜ ଜିଲା ସର୍ବବୃହତ୍। ରାଜ୍ୟ ସରକାର ଜିଲାଗୁଡ଼ିକୁ ବିଭାଜନକରି ୧୩ରୁ ୩୦ରେ ପହଞ୍ଚାଇଥିଲେ ସୁଦ୍ଧା ମୟୂରଭଞ୍ଜ ଜିଲା କୌଣସି କାରଣରୁ ବିଭାଜିତ ହୋଇନାହିଁ। ଏହି ଜିଲାରେ ୨୬ ବ୍ଲକ ଥିବା ବେଳେ ବାରିପଦା ଓ ରାଇରଙ୍ଗପୁର ଦୁଇଟି ପୌରାଞ୍ଚଳ ଏବଂ ଉଦଳା ଓ କରଞ୍ଜିଆ ଦୁଇଟି ବିଜ୍ଞାପିତ ଅଞ୍ଚଳ ରହିଛି। ସମସ୍ତ ଭିତ୍ତିଭୂମି ଥିବା ସତ୍ତ୍ୱେ ବେତନଟୀ ଅଞ୍ଚଳର ଆଖିଦୃଶିଆ ବିକାଶ ହୋଇ ନ ଥିବାରୁ ଏହାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଘୋଷଣା କରିବାକୁ ବହୁ ସଂଗଠନ ଓ ରାଜନୈତିକ ଦଳ ଦାବି କରିଆସୁଛନ୍ତି। ଏଥିପାଇଁ ବହୁବାର ଆନ୍ଦୋଳନ, ଗଣଧାରଣା ଓ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ହେଲେ ବେତନଟୀବାସୀଙ୍କ ଦାବିକୁ ସବୁବେଳେ ଉପେକ୍ଷା କରାଯାଇ ଆସିଛି। ରାଜ୍ୟ ସରକାର ଏନ୍‌ଏସି ଘୋଷଣା ଲାଗି ୮ ବର୍ଷ ହେଲା ତଥ୍ୟ ମାଗିଥିବା ବେଳେ ପ୍ରଶାସନ ତଥ୍ୟ ଦେଇ ନ ଥିବା ସୂଚନା ପଦାକୁ ଆସିବା ପରେ ଜନ ଅସନ୍ତୋଷ ବୃଦ୍ଧି ପାଇଛି।

ଓଡ଼ିଶା ପୌର ଅଧିନିୟମ-୧୯୫୦ର ୪ଧାରାରେ ଥିବା ସର୍ତ୍ତ ଏବଂ ଆନୁଷଙ୍ଗିକ ବିଷୟକୁ ବିଚାରକୁ ନେଇ ସରକାର ବିଜ୍ଞାପିତ ଅଞ୍ଚଳ ଘୋଷଣା କରିଥାନ୍ତି। ଏହି ନିୟମ ଅନୁଯାୟୀ ବେତନଟୀକୁ ବିଜ୍ଞାପିତ ଅଞ୍ଚଳ ଗଠନ କରାଯିବ କି ନାହିଁ ସରକାର ୮ ବର୍ଷ ତଳେ ମୟୂରଭଞ୍ଜ ଜିଲାପାଳଙ୍କୁ ତଥ୍ୟ ମାଗିଥିଲେ। ବର୍ତ୍ତମାନ ସୁଦ୍ଧା ଏହି ତଥ୍ୟ ସରକାରଙ୍କ ହସ୍ତଗତ ହୋଇନାହିଁ। ବେତନଟୀ ପଞ୍ଚାୟତ ଓ ସଠିଲୋ ପଞ୍ଚାୟତର କେତେକ ଗ୍ରାମକୁ ନେଇ ବିଜ୍ଞାପିତ ଅଞ୍ଚଳ ଘୋଷଣା କରିବାକୁ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିଙ୍କ ଦାବି ଅନୁଯାୟୀ ସରକାର ତଥ୍ୟ ମାଗିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ତହସିଲଦାର ୨୦୧୧ ଫେବୃୟାରୀ ୨୨ ତାରିଖରେ ଚିଠି ନଂ.୨୪୪୪ରେ ବିସ୍ତୃତ ତଥ୍ୟ ଦେଇଥିଲେ। କିନ୍ତୁ ଏହି ରିପୋର୍ଟ ଏଯାଏ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇ ନାହିଁ। ଫଳରେ ବେତନଟୀ ବିଜ୍ଞାପିତ ଅଞ୍ଚଳ ଘୋଷଣା ଅନିଶ୍ଚିତତା ଭିତରେ ରହିଛି। ଗତ ୨୩ ତାରିଖରେ ବଡ଼ସାହି ବିଧାୟକ ସନାତନ ବିଜୁଳି ବିଧାନସଭାରେ ପଚାରିଥିବା ଏକ ପ୍ରଶ୍ନର ଉତ୍ତର ଦେବାବେଳେ ବିଭାଗୀୟ ମନ୍ତ୍ରୀ ଅନୁରୂପ ସୂଚନା ଦେଇଛନ୍ତି। ସ୍ଥାନୀୟ ଯୁବ ସଂଗଠନ ବିଶ୍ୱନାଥ ହେମ୍ବ୍ରମ ପ୍ରତିକ୍ରିୟାରେ କହିଛନ୍ତି ଯେ, ଖୁବ୍‌ଶୀଘ୍ର ବେତନଟୀର ଏକ ପ୍ରତିନିଧିଦଳ ଜିଲାପାଳଙ୍କୁ ସାକ୍ଷାତକରି ଏ ସମ୍ପର୍କରେ ପ୍ରଶ୍ନ ଉଠାବାକୁ ସ୍ଥିର କରାଯାଇଛି। ଜିଲା ପ୍ରଶାସନ ତୁରନ୍ତ ଏହି ରିପୋର୍ଟ ପ୍ରଦାନ କରିବା ଦରକାର। ଅଞ୍ଚଳବାସୀଙ୍କ ସମେତ ବିଭିନ୍ନ ସଂଗଠନ ଅନୁରୂପ ଦାବି ଉଠାଇଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ରବିବାର, ଜୁଲାଇ ୨୮/୨୦୧୯ Balasore, Sunday, July 28/2019




# ଅଟୋ-କାର୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୨ ଆହତ

**ଭଣ୍ଡାରିପୋଖରୀ, ୨୭।୭ (ଡି.ଏନ.ଏ.)**- ଭଦ୍ରକ ଜିଲା ୧୬ ନମ୍ବର ଜାତୀୟ ରାଜପଥର ଭଣ୍ଡାରିପୋଖରୀ ଆଖୁଆପଦାସ୍ଥିତ ହରପାର୍ବତୀ ମନ୍ଦିର ସମ୍ମୁଖରେ ଶନିବାର ମଧ୍ୟାହ୍ନରେ ଏକ ଅଟୋ ଓ କାର ମୁହାଁମୁହିଁ ଧକ୍କା ହେବାରୁ ଅଟୋ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଯାଜପୁର ଜିଲା ମହେଶ୍ୱରପୁର ଗ୍ରାମର ମାଗୁଣି ଦାସ(୪୮)। ମାଗୁଣିଙ୍କ ଭାଇ ନିଧି ଏ ନେଇ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୧୧୯/୧୯) ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ଅଟୋରେ ଥିବା ୨ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଥିବାବେଳେ ଅନ୍ୟ ଜଣେ ବ୍ୟକ୍ତି ଯାଜପୁର ହରିପୁରରେ ରହୁଥିବା ବିହାର ଅଞ୍ଚଳର ମହମ୍ମଦ ସିରାଜ୍ ଯାଜପୁର ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁସାରେ, କାର୍(ନଂ.ଓଡି ୦୨ ଏଡି ୫୮୦୦) ଭଦ୍ରକ ଆଡୁ କଟକ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଯାତ୍ରୀବାହୀ ଅଟୋ(ନଂ.ଓଆର୍ ୦୨ଏୱାଇ ୭୮୪୬) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ଅଟୋ ଚାଳକ ମାଗୁଣିଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣା ପରେ ରାଜପଥରେ କିଛି ସମୟ ପାଇଁ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ସ୍ଥାନୀୟ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ରାସ୍ତାରେ ଗାଡ଼ି ଚଳାଚଳକୁ ସ୍ୱାଭାବିକ କରିଥିଲା। ପୋଲିସ ଗାଡ଼ି ଦୁଇଟିକୁ ଜବତ କରି ଥାନାରେ ରଖିଛି।




## ■ ବେଆଇନ ଗୋଚାଲାଣ ନେଇ ଉତ୍ତେଜନା

# ୨ ପିକ୍‌ଅପ୍ ଜବତ, ୧୦ ଗୋରୁ ଉଦ୍ଧାର

**ବାଲେଶ୍ୱର ଅଫିସ, ୨୭।୭**

ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ଅରଡ଼ବଜାର ଶ୍ମଶାନ 'ମୁକ୍ତିଦ୍ୱାର' ନିକଟରେ ଶନିବାର ବେଆଇନ ଭାବେ ହେଉଥିବା ୨ ଗୋଚାଲାଣ ଗାଡ଼ିକୁ ସ୍ଥାନୀୟ ବଜରଙ୍ଗ ଦଳର କର୍ମୀ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ୧୦ ଗୋରୁ ଉଦ୍ଧାର କରିବା ସହ ଗାଡ଼ି ଦୁଇଟିକୁ ଜବତ କରିଛି। ସଦର ବ୍ଲକ ପଦ୍ମପୁର ଅଞ୍ଚଳରୁ କେତେକ ବ୍ୟବସାୟୀ ୧୦ଟି ଗୋରୁ କିଣି ଗୋଟିଏ ଟାଟା ଏସି ଓ ମହିନ୍ଦ୍ରା ପିକଅପ୍ ଭ୍ୟାନ୍‌ରେ ଭର୍ତ୍ତି କରି ରେମୁଣା ବ୍ଲକ ଜଙ୍ଗରାଇ ଅଞ୍ଚଳକୁ ନେଉଥିଲେ। ଶନିବାର ପଲିଥିନ ଢ଼ଙ୍କାଯାଇଥିବା ଗୋରୁ ଭର୍ତ୍ତି ଗାଡ଼ି ଦୁଇଟି ନୁଣିଆଯୋଡ଼ି ପୋଲ ଅତିକ୍ରମ କରିବା କ୍ଷଣି ବଜରଙ୍ଗ ଦଳର କର୍ମୀମାନେ ଅଟକାଇଥିଲେ। ଖୁନ୍ଦାଖୁନ୍ଦି ହୋଇ ୫ଟି ଲେଖାଏଁ ଗୋରୁ ଉଭୟ ଗାଡ଼ିରେ ଭର୍ତ୍ତି କରାଯାଇଥିବା କର୍ମୀମାନେ ଦେଖି ତୁରନ୍ତ ଗୋରୁଗୁଡ଼ିକୁ ଉଦ୍ଧାର କରିଥିଲେ। ୧୦ଟି ଗୋରୁ ମଧ୍ୟରୁ ୫ଟି ଗୋରୁ ଅସୁସ୍ଥ ହୋଇଥିବାରୁ ସେମାନଙ୍କ ସେବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କୁ ଜିମା ଦିଆଯାଇଥିଲା। ଗୋରୁ ବ୍ୟବସାୟୀମାନେ ଟଙ୍କାର ପ୍ରଲୋଭନ ଦେଖାଇ ସେଠାରୁ ଖସିଯିବାକୁ ଚାହୁଁଥିବା ବେଳେ କର୍ମୀମାନେ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିଥିଲା। ଘଟଣା ସମ୍ପର୍କରେ ତଦନ୍ତ ଜାରି ରହିଥିବାବେଳେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସହଦେବଖୁଣ୍ଟା ଥାନାଧିକାରୀ ଶୁଭ୍ରାଂଶୁ ନାୟକ ପ୍ରକାଶ କରିଛନ୍ତି। ଜିଲାର ଗ୍ରାମାଞ୍ଚଳରୁ ବେଆଇନ ଭାବେ ଗୋଚାଲାଣ ନିୟମିତ ଚାଲୁଥିବା ଅଭିଯୋଗ ହୋଇଛି। ପୂର୍ବରୁ ବଡ଼ ବଡ଼ ଗାଡ଼ିରେ ଗୋଚାଲାଣ ହେଉଥିବାବେଳେ ଧରପଗଡ଼ ଭୟରେ ବ୍ୟବସାୟୀମାନେ ସମ୍ପ୍ରତି ଛୋଟ ଛୋଟ ଗାଡ଼ି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଏହି ବେଆଇନ୍ ଗୋଚାଲାଣ ପାଇଁ ସ୍ୱତନ୍ତ୍ର ର୍‍ୟାକେଟ କାମ କରୁଥିବା ବେଳେ ସେମାନେ କୌଣସି ଆଇନକାନୁନ୍‌କୁ ଭ୍ରୂକ୍ଷେପ କରୁ ନ ଥିବା ଆରୋପ ହୋଇଛି। ବେଆଇନ୍ ଗୋଚାଲାଣ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ଏଭଳି ଗୋଚାଲାଣ ନିୟମିତ ହେଉଥିବା ଜଣାପଡ଼ିବା ପରେ ସ୍ଥାନୀୟ ବଜରଙ୍ଗ ଦଳର କର୍ମୀ ଏଭଳି ଚାଲାଣ ଉପରେ ନଜର ରଖିଥିଲେ।


ବଜରଙ୍ଗ ଦଳର କର୍ମୀଙ୍କ ଦ୍ୱାରା ଉଦ୍ଧାର ଗୋରୁ।

## ଟ୍ରକ୍‌କୁ ପିଟିଲା ଟ୍ରକ୍, ଡ୍ରାଇଭର ଗୁରୁତର

**ଢେଙ୍କିକୋଟ, ୨୭।୭(ଡି.ଏନ୍.ଏ.)**

ଢେଙ୍କିକୋଟ ଫାଣ୍ଡି ଖଣ୍ଡଘର ଗ୍ରାମ ପଞ୍ଚାୟତ ଜାତୀୟ ରାଜପଥ ୨୦ ନଂ ପରାଭାଡ଼ି ସାହି ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ୧୦ ଚକିଆ ଟ୍ରକ୍ ଅନ୍ୟ ଏକ ଟ୍ରକ୍ ପଛପଟେ ଧକ୍କା ଦେବାରୁ ଜଣେ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ, ଉଭୟ ଟ୍ରକ ଯୋଡ଼ାରୁ ଲୁହାପଥର ବୋଝେଇ କରି ପାରାଦୀପ ଅଭିମୁଖେ ଯାଉଥିଲା। ଆଗ ଟ୍ରକ୍ ହଠାତ୍ ବ୍ରେକ୍ ମାରିବାରୁ ପଛ ଟ୍ରକ୍‌ର ଡ୍ରାଇଭର ବବ୍‌ଲୁ ସେଠୀ ଜାଣି ନ ପାରିବାରୁ ତା' ପଛରେ ନେଇ ଧକ୍କା ଦେଇଥିଲା। ଫଳରେ ଡ୍ରାଇଭର ବବଲୁ ଗୁରୁତର ଆହତ ହୋଇଥିଲା। ଖବରପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ପରେ ଅବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ଘଟଗାଁ ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ସଂକ୍ଷେପରେ**

## ବିଡିଓଙ୍କୁ ଭେଟିଲେ କଳାକାର

**ହାଟଡିହୀ,୨୭। ୭(ଡି.ଏନ୍.ଏ.)**- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ କଳାପରିଷଦର ସମ୍ପାଦକ ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ, ସଭାପତି ଶଙ୍କର୍ଷଣ ମିଶ୍ର, ବ୍ଲକ କଳା ସଂଘର ଉପସଭାପତି ଦିବାକର ବାରିକ, ଗାୟକ ଉପେନ୍ଦ୍ର ନାଥ ମିଶ୍ର, ବିଡିଓ ସୁଶାନ୍ତ କୁମାର ବାରିକଙ୍କୁ ଭେଟି କଳା ସମ୍ପର୍କୀୟ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଯଥା ସମ୍ଭବ ସହ ଯୋଗ କରାଯିବ ବୋଲି ବିଡିଓ ବାରିକ କଳାକାରମାନଙ୍କୁ କହିଥିଲେ।

## ଘରୁ ବାଇକ ଚୋରି

**କେନ୍ଦୁଝର, ୨୭।୭ (ସ୍ୱ.ପ୍ର.)**- ହରିଚନ୍ଦନପୁର ବ୍ଲକ ବ୍ରାହ୍ମଣୀପାଳ ଛକ ନିକଟରେ ବିପିନ ଚକ୍ରଙ୍କ ଘର ତାଲା ଭାଙ୍ଗି ପଶି ବାଇକ ଚୋରି କରିନେଇଥିବା ଜଣାପଡିଛି । ଶୁକ୍ରବାର ବିଳମ୍ବିତ ରାତିରେ ସମସ୍ତେ ଶୋଇଥିବା ବେଳେ ଚୋର ମାନେ ପାଚେରୀ ଡେଇଁ ଭିତରକୁ ପଶି ଥିଲେ ଓ ଗେଟ ତାଲା ଭାଙ୍ଗି ଚୋରି କରିନେଇଥିବା ବିପିନ ଦୈତାରୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି ।

## ୩୧ରେ ଓକିଲ ସଂଘ ନିର୍ବାଚନ

**କେନ୍ଦୁଝର ୨୭।୭ (ସ୍ୱ.ପ୍ର.)**- ଆସନ୍ତା ମାସ ୩୧ ତାରିଖରେ ବହୁ ପ୍ରତିକ୍ଷିତ କେନ୍ଦୁଝର ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହେବ । ଗତକାଲି ଅନୁଷ୍ଠିତ ଓକିଲ ସଂଘର ସାଧାରଣ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି । ଅସ୍ଥାୟୀ କମିଟିକୁ ଭଙ୍ଗ କରାଯାଇ ନିର୍ବାଚନ ପାଇଁ ନୂତନ ଅସ୍ଥାୟୀ କମିଟି ଗଠନ କରାଯାଇଛି । ଏହି କମିଟିରେ ଅଧକ୍ଷଙ୍କ ସମେତ ୧୦ ଜଣ ସଦସ୍ୟ ଅଛନ୍ତି। କମିଟିର ଅଧକ୍ଷ ବରିଷ୍ଠ ଆଇନଜୀବୀ ଶିବ ନାରାୟଣ ମହାନ୍ତଙ୍କ ନାମ ଘୋଷଣା କରାଯାଇଥିବାବେଳେ ସଦସ୍ୟ ଭାବେ ନୃତ୍ୟଗୋପାଳ ଦାସ, ଦୁଷନ୍ତ ଜେନା, ସରୋଜ କୁମାର ଭୂୟାଁ, ନିମାଇ ଚରଣ ଦାସ, ନିର୍ମଳ କୁମାର ବଳ, ରତି ରଞ୍ଜନ ବେହେରା, ଅନନ୍ୟାଐଶ୍ୱର୍ଯ୍ୟା, ଜଗଜିତା ଦାସ, ମନୋଜ ବେହେରାଙ୍କ ନାମ ଘୋଷଣା କରାଯାଇଛି ।

## ମନ୍ଦିରରୁ ରାଧାକୃଷ୍ଣ ମୂର୍ତ୍ତି ଚୋରି ଘଟଣା ପୋଲିସ ତଦନ୍ତ ଧୂମା

**ଆନନ୍ଦପୁର,୨୭।୭(ସ୍ୱ.ପ୍ର.)**- ଆନନ୍ଦପୁର ଦଧିବାମନ ଜୀଉଙ୍କ ମନ୍ଦିରରୁ ରାଧା ଓ କୃଷ୍ଣଙ୍କ ପିତଳ ମୂର୍ତ୍ତି ଆଜକୁ ୧୧ ଦିନ ତଳୁ ଚୋରି ହେଲାଣି। ହେଲେ ଏହି ଚୋରି ସାମଗ୍ରୀର ଉଦ୍ଧାର ପାଇଁ ଦେବୋତ୍ତର ବିଭାଗ ଠାରୁ ଆରମ୍ଭ କରି ପୋଲିସ ପ୍ରଶାସନ, ମନ୍ଦିର ପରିଚାଳନା କମିଟି, କାହା ନିକଟରେ ତତ୍ପରତା ନଥିବା ଆଲୋଚନାର ମୁଖ୍ୟ ବିଷୟ ସାଜିଛି। ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତାଙ୍କ ସୂଚନା ମୁତାବକ ସିସିଟିଭିର ଫୁଟେଜ୍ ବାହାର କରିବା ପାଇଁ ଜଣେ କମ୍ପ୍ୟୁଟର୍ ଦୋକାନୀକୁ କହିଥିବାବେଳେ ବିଭିନ୍ନ ସମସ୍ୟା କହି ବ୍ୟବସାୟୀ ବିଳମ୍ବ କରୁଥିବା କାରଣ ପଦାକୁ ଆସିଛି। ଅନ୍ୟପକ୍ଷରେ ଦେବୋତ୍ତର ବିଭାଗ ମୁଖ୍ୟ ତଥା ଉପଜିଲାପାଳ ରବୀନ୍ଦ୍ର ସାହୁ କହିଛନ୍ତି ଯେ ଉଦ୍ୟମ ଚାଲିଛି ଓ ଏ ସମ୍ପର୍କରେ ପୋଲିସକୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ମନ୍ଦିରର ଶହେ ମିଟର ଦୂରରେ ଥିବା ଆନନ୍ଦପୁର ପୋଲିସ ୮ ଦିନ ପରେ ମନ୍ଦିରରେ ଯାଇ ପଚରାଉଚୁରା କରିଥିଲେ ବି ତଦନ୍ତରେ ଆଉ କୌଣସି ଅଗ୍ରଗତି ହୋଇ ନ ଥିବା ଦେଖାଯାଇଛି।

# ଗଛମୂଳେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର

**ତେଲକୋଇ, ୨୭।୭(ଡି.ଏନ.ଏ.)**

■ବିଭାଗୀୟ ଅଣଦେଖା
■ଅଭିଭାବକମାନେ ଜିଲାପାଳଙ୍କ ଦ୍ୱାରସ୍ଥ

ଆଦିବାସୀ ବହୁଳ ତେଲକୋଇ ବ୍ଲକ ଅଧୀନରେ ଅଙ୍ଗନୱାଡି କେନ୍ଦ୍ରରେ ବହୁ ଅବ୍ୟବସ୍ଥା ରହିଛି। ସ୍ୱତନ୍ତ୍ର ଅଙ୍ଗନୱାଡି କେନ୍ଦ୍ର ନ ଥିବା ଯୋଗୁ ଗ୍ରାମ ମଣ୍ଡପ ଓ ଅନ୍ୟ କାହା ଘର ବାରଣ୍ଡା କିମ୍ବା ଗଛମୂଳେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର ଯୋଜନା। ଏହି ଯୋଜନାରେ ଛୋଟ ଛୁଆଙ୍କ ପାଠପଢ଼ା ମା'ଙ୍କ ପୁଷ୍ଟିକର ଖାଦ୍ୟ ଏବଂ ଛୁଆଙ୍କ ପାଇଁ ଖାଦ୍ୟ ଯୋଜନା ଚାଲିଥିବା ବେଳେ ତେଲକୋଇ ବ୍ଲକ ଅଧୀନରେ ଏହାର ପ୍ରତିଫଳନ ହୋଇଛି ଗଛମୂଳରେ। ଏନେଇ ଶିଶୁମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ଷାଦିନରେ ଏହି କେନ୍ଦ୍ରକୁ ବନ୍ଦ କରାଯାଉଛି। ତେବେ ଗଛମୂଳରେ ସେମାନଙ୍କ ଜୀବନ ପ୍ରତି ମଧ୍ୟ ବିପଦ ରହୁଛି। ସରକାର ଶିଶୁଙ୍କ ପାଇଁ ବିଭିନ୍ନ ପ୍ରକାର ଯୋଜନା କରିଛନ୍ତି। କିନ୍ତୁ ଏହି ଜିଲାରେ ଯୋଜନା ଗୁଡ଼ିକର ସଫଳ ରୂପାୟନ ହୋଇପାରୁ ନାହିଁ।


ଶିଶୁମାନେ ଗଛମୂଳେ ବସି ଖାଦ୍ୟ ଖାଉଛନ୍ତି।

ଏଭଳି ରାଇସୁଆଁ ପଞ୍ଚାୟତ ଅଧୀନରେ ଥିବା ରାଣୀବେଡାର ୩ନଂ ଅଙ୍ଗନୱାଡ଼ି କେନ୍ଦ୍ରରେ ୩ବର୍ଷ ହେବ ଗୃହ ନ ଥିବା ଯୋଗୁ ଏକ ଗଛମୂଳେ କେନ୍ଦ୍ର ଚାଲିଛି। ଏହି ଅଙ୍ଗନୱାଡ଼ି କେନ୍ଦ୍ରରେ କର୍ମୀ ଓ ହେଲ୍ପର ରହିଛନ୍ତି । ୧୫ଜଣ ଶିଶୁ ଓ ୧୦ଜଣ ଗର୍ଭବତୀ ମହିଳାଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ସହିତ ପାଠପଢା କାର୍ଯ୍ୟ କରାଯାଉଛି। ହେଲେ ଉକ୍ତ କେନ୍ଦ୍ରରେ ସମସ୍ତ ଶିଶୁ ଓ ମହିଳା ଜୁଆଙ୍ଗ ଜନଜାତିର। ଗୃହ ଅଭାବରୁ ଗଛମୂଳେ ପାଠପଢା ଓ ଖାଦ୍ୟ ବ୍ୟବସ୍ଥା ହେଉଥିବା ଯୋଗୁ ବଜ୍ରପାତ ଆଶଙ୍କାକୁ ନେଇ ଅଭିଭାବକମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଜଙ୍ଗଲ ଅଞ୍ଚଳରେ ବଜ୍ରପାତ ଯୋଗୁ ଗଛମୂଳେ ଗାଈଗୋରୁ ଛେଳି ସମେତ ଲୋକଙ୍କ ଜୀବନହାନି ହେଉଥିବା ବେଳେ ଏଭଳି ଗଛମୂଳେ ଅଙ୍ଗନୱାଡ଼ି କେନ୍ଦ୍ର ରହିଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି। ଗଛମୂଳେ ଖାଦ୍ୟ ପରିବେଷଣ କରୁଥିବା ହେଲ୍ପର ବିନତୀ ଦଳନାୟକଙ୍କୁ ପଚାରିବାରୁ ୩ବର୍ଷ ହେବ ଗୃହ ନଥିବା ଯୋଗୁ ଉକ୍ତ ଗଛମୂଳେ କେନ୍ଦ୍ର ଚାଲିଛି । ବର୍ଷା ହେଲେ ଛୁଆଙ୍କୁ ପାଠ ପଢ଼ିବାକୁ ଯିବାକୁ ମନା କରାଯାଇଥାଏ। ତେବେ ଏ ସମ୍ପର୍କରେ ବ୍ଲକ ଶିଶୁ ପ୍ରକଳ୍ପ ଅଧିକାରୀ ପ୍ରତିଭା ମିଶ୍ରଙ୍କୁ ପଚାରିବାର ନୂତନ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ତେବେ ଆମେ ସରକାରଙ୍କ ଅଧୀନରେ ଅଛୁ ଆଉ କ'ଣ କରିପାରିବୁ । ଗୃହ ନିର୍ମାଣ ପାଇଁ ଜିଲା ପ୍ରଶାସନଙ୍କୁ ଜଣାଇବୁ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ୧୨ ବର୍ଷ ହେଲା ଗଠନ ହେଉନି ଉପଦେଷ୍ଟା ମଣ୍ଡଳୀ

**କେନ୍ଦୁଝର,୨୭।୭(ସ୍ୱ.ପ୍ର.)**

ରାଜାରାଜୁଡ଼ା ଅମଳରୁ ପ୍ରତିଷ୍ଠିତ ବଳଦେବଜୀଉ ମନ୍ଦିର ଓ ଅନ୍ୟ ଦେବଦେବୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ରକ୍ଷଣାବେକ୍ଷଣ ଓ ପରିଚାଳନା ଦେବୋତ୍ତର ବିଭାଗ ୧୯୭୦ ମସିହାରୁ କରିଆସୁଛି । ଏହାର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କେନ୍ଦୁଝର ଉପଜିଲାପାଳ ଦାୟିତ୍ୱ ତୁଲାଇଆସୁଛନ୍ତି। ଏହାର ପରିଚାଳନାରେ ସହାୟତା କରିବା ପାଇଁ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି । ଉପଦେଷ୍ଟା ମଣ୍ଡଳୀର ପରାମର୍ଶ କ୍ରମେ ଉପଜିଲାପାଳ ସମସ୍ତ ନିଷ୍ପତ୍ତି ନେବା ସହ କାର୍ଯ୍ୟ କରିଥାନ୍ତି। କିନ୍ତୁ ଉପଦେଷ୍ଟା ମଣ୍ଡଳୀର କାର୍ଯ୍ୟକାଳ ଶେଷ ହୋଇଥିଲେ ହେଁ ଗତ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ନୂତନ ଉପଦେଷ୍ଟା ମଣ୍ଡଳୀ ଗଠନ ହୋଇ ନ ଥିବାରୁ ନାନା ପ୍ରକାର ସମସ୍ୟା ଦେଖାଦେଉଛି। ଫଳରେ ଦେବୋତ୍ତର କମିଶନରଙ୍କ ବିନା ଅନୁମତି ଓ ଅନୁମୋଦନରେ ଉନ୍ନତୀକରଣ ନାମରେ ଠାକୁରଙ୍କ ଟଙ୍କା ବ୍ୟାଙ୍କରୁ ଉଠାଇ ଖର୍ଚ୍ଚ କରାଯାଉଥିବା ଅଭିଯୋଗ ହେଉଛି। ଏଥିରେ ଦେବୋତ୍ତର ବିଭାଗର କେତେଜଣ କର୍ମଚାରୀ ଉନ୍ନତିମୂଳକ କାମ ନାମରେ ଅସଦ ଉପାୟରେ ଅର୍ଥ ଖର୍ଚ୍ଚକରି ହେରଫେର କରୁଥିବା ଅଭିଯୋଗ ହୋଇଛି। ୪୦୦ରୁ ଊର୍ଦ୍ଧ୍ୱ ବର୍ଷ ପୁରୁଣା ବଳଦେବଜୀଉ ପ୍ରତ୍ନତତ୍ତ୍ୱ ସ୍ମାରକ ଭାବରେ ପରିଗଣିତ ହୋଇଛି। ଏହି ପୁରାତନ ମନ୍ଦିରରେ କୌଣସି ଅଦଳବଦଳ, ମରାମତି ଆଦି ବିନା ବିଭାଗର ଅନୁମତିରେ କଲେ ଆଇନଗତ ଭାବେ ଦଣ୍ଡନୀୟ ବୋଲି ମନ୍ଦିର ବାହାରେ ବୋର୍ଡ ମରାଯାଇଥିଲେ ହେଁ ବ୍ୟାପକ ଅର୍ଥ ଖର୍ଚ୍ଚ କରାଯାଇ କିପରି ମନ୍ଦିର ପରିସରରେ ଟାଇଲ ବିଛାଇବା ତଥା ଅନ୍ୟାନ୍ୟ କାମ କରାଗଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିନା ଟେଣ୍ଡରରେ ଏହିସବୁ କାମ ହୋଇଥିବାରୁ ଭକ୍ତ ଓ ସେବାୟତମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି । ଟାଇଲ ବିଛାଇବା ଦ୍ୱାରା ବହୁ ଭକ୍ତ ଓ ପୂଜକ ଖସି ଆହତ ହୋଇଛନ୍ତି। ଏବେ ଏହି ଟାଇଲ ବଦଳାଇବା ପାଇଁ ପୁଣି ଥରେ ଦେବୋତ୍ତର ବିଭାଗ ଉଦ୍ୟମ କରୁଥିବା ଅଭିଯୋଗ ହେଉଛି । ଏଣୁ ବାରମ୍ବାର ମନ୍ଦିର ପରିସରରେ ଏଭଳି ଅଦଳବଦଳ ଯୋଗୁ ମନ୍ଦିରର ସଂସ୍କୃତି ଓ ପରମ୍ପରା କ୍ଷୁଣ୍ଣ ହେଉଥିବାରୁ ଏହାର ତଦନ୍ତ ଦାବି କରାଯାଇଛି । ଏଣୁ ଉପଦେଷ୍ଟା ମଣ୍ଡଳୀ ଗଠନ ତୁରନ୍ତ କରିବା ସହ ଏସବୁ ଅନିୟମିତତାର ତଦନ୍ତ କରିବାକୁ ରବୀନ୍ଦ୍ର ତ୍ରିପାଠୀ, ରମେଶ ଚନ୍ଦ୍ର କର, ରବୀନ୍ଦ୍ର ସାହୁ, ଈଶ୍ୱର ଚନ୍ଦ୍ର ଦାଶ, ସୋମନାଥ ରାମ, ଯୋଗେଶ୍ୱର ଧୀର, ଶରତ ରାଉତ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏନେଇ ଉପଜିଲାପାଳ ତଥା ନିର୍ବାହୀ ଅଧିକାରୀ ଦେବୋତ୍ତର ବିଭାଗ ସୋମନାଥ ପ୍ରଧାନ କହିଛନ୍ତି ଯେ, ମନ୍ଦିରର ଡାଞ୍ଚା ବଦଳାଇବା ଆଇନଗତ ଦଣ୍ଡନୀୟ । କିନ୍ତୁ ଏହାର ପରିସରରେ ଟାଇଲ ବିଛାଇଯାଇଥିବା ସେଭଳି ଦଣ୍ଡନୀୟ ନୁହେଁ । ତେବେ ଟାଇଲ ବିଛାଯିବା ଉଚିତ ନ ଥିଲା। ଏହାଦ୍ୱାରା ବର୍ଷାଦିନରେ ଭକ୍ତ ଖସି ପଡୁଥିବା ବେଳେ ଖରାଦିନରେ ତାତି ଯୋଗୁ ଚାଲିବା କଷ୍ଟକର ହେଉଛି । ଏଣୁ ଭକ୍ତଙ୍କ ସୁବିଧା ପାଇଁ ଏହା ଉପରେ କାର୍ପେଟ ବିଛାଇବା ବ୍ୟବସ୍ଥା କରିବାକୁ କମିଶନରଙ୍କଠାରୁ ଅନୁମିତ ନିଆଯିବ। ବିନା କମିଶନରଙ୍କ ଅନୁମତିରେ କୌଣସି କାମ ହୋଇପାରିବ ନାହିଁ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ

**ଆନନ୍ଦପୁର,୨୭।୭(ସ୍ୱ.ପ୍ର.)**

ଘସିପୁରା ବ୍ଲକ ଅଳତୀ ସରସ୍ୱତୀ ଶିଶୁମନ୍ଦିର ତରଫରୁ ପ୍ରଧାନ ଆଚାର୍ଯ୍ୟ ଅଲେଖ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୋଷାଧକ୍ଷ ବିଶିକେଶନ ରାଉତ, ପରିବେଶବିତ୍ ଗତିକୃଷ୍ଣ ଭୂୟାଁ ଅତିଥି ଭାବେ ଉପସ୍ଥିତ ରହି ଆୟୋଜିତ ସଭାରେ ଗଛଟିଏ ଶିଶୁଟିଏ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଗଛର ସୁରକ୍ଷା ପାଇଁ ବିଭିନ୍ନ ପ୍ଲାକାର୍ଡ଼ ଧରି ଗ୍ରାମ ପରିକ୍ରମା କରି ସ୍ଲୋଗାନ ଦେଇ ସଚେତନତା ସୃଷ୍ଟି କରିଥିଲେ। ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସର, ପୋଖରୀ ହୁଡା, ରାସ୍ତାକଡ ଆଦିରେ ବଉଳ, ଦେବଦାରୁ, କଦମ୍ବ, ଚମ୍ପା, ଟଗର, ମନ୍ଦାର, ସୁଗନ୍ଧରାଜ ଆଦି ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସତ୍‌ସଙ୍ଗ ଉପଯୋଜନା କେନ୍ଦ୍ର ଉଦ୍‌ଘାଟିତ

**ହାଟଡିହୀ,୨୭।୭(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଜମ୍ପିରା ଗ୍ରାମରେ ରମେଶ ଚନ୍ଦ୍ର ଓଝାଙ୍କ ଅଧକ୍ଷତାରେ ଏକ ସତ୍‌ସଙ୍ଗ ଉପଯୋଜନା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଆନନ୍ଦପୁର ସତ୍‌ସଙ୍ଗ ବିହାରର ସଭାପତି ଲକ୍ଷ୍ମୀଧର ବେହେରା ଉକ୍ତ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାଟଡିହୀ ସତ୍‌ସଙ୍ଗର ସଭାପତି ଭାଗବତ ପାଢ଼ୀ, ପ୍ରଶାନ୍ତ କୁମାର ବେହେରା ଓ ଶ୍ରୀକାନ୍ତ ପଣ୍ଡା, ପତିତ ପାବନ ସାମନ୍ତରାୟଙ୍କ ସମେତ ଆଖପାଖ ଗ୍ରାମର ମା' ଓ ଗୁରୁଭାଇମାନେ ଉପସ୍ଥିତ ଥିଲେ। ଉକ୍ତ କେନ୍ଦ୍ର ଯୁଗପୁରୁଷୋତ୍ତମ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଭାବାଦର୍ଶ ପ୍ରତିଷ୍ଠା ଦିଗରେ ସହାୟକ ହେବ ବୋଲି ଉପସ୍ଥିତ ଅତିଥିମାନେ ପ୍ରକାଶ କରିଥିଲେ।

# ଆଇନ ସଚେତନତା ଶିବିର

**ଆନନ୍ଦପୁର, ୨୭।୭(ସ୍ୱ.ପ୍ର.)**

ଘସିପୁରା ବ୍ଲକ କଇନିପୁରାଠାରେ ଥିବା ଅରବିନ୍ଦ ଇଣ୍ଟିଗ୍ରାଲ୍ ସ୍କୁଲରେ ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତି ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ଡିଜେଏମ୍ ଶିବାନୀ ଆଚାର୍ଯ୍ୟ, ଘସିପୁରା ଗ୍ରାମ୍ୟ ନ୍ୟାୟାଳୟ ନ୍ୟାୟାଧିକାରୀ ମାନସୀ ପ୍ରଧାନ, ଆନନ୍ଦପୁର ଓକିଲ ସଂଘର ସଭାପତି ସଞ୍ଜୟ କୁମାର ମିଶ୍ର, ତାଲୁକ ଆଇନସେବା ସମିତି ସଦସ୍ୟ


ସଚେତନତା ଶିବିରରେ ଉପସ୍ଥିତ କର୍ମକର୍ତ୍ତା।

ଆଇନଜୀବୀ ବାଇଧର ସେଠୀ, ସ୍କୁଲର ଅଧୀକ୍ଷକ ଗୀତାଞ୍ଜଳୀ ସାହୁ, ବିଦ୍ୟାଳୟର ସଭାପତି ଶାନ୍ତିରଞ୍ଜନ ରାୟ, ସମ୍ପାଦକ କେଦାର ସାହୁ ପ୍ରମୁଖ ଉପସ୍ଥିତ ରହି ଜୁଭେନାଇଲ୍ ଜଷ୍ଟିସ ଆକ୍ଟ, ଶିକ୍ଷାଧିକାର ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଦେବାଶିଷ ବେହେରା, ନବକିଶୋର ନାୟକ, ସନ୍ତୋଷ କୁମାର ସାହୁ, ଉମେଶ ଚନ୍ଦ୍ର କାଣ୍ଡି, ରବିନାରାୟଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ହିତାଧିକାରୀଙ୍କୁ କାର୍ଯ୍ୟାଦେଶ

**ଆନନ୍ଦପୁର, ୨୭।୭(ସ୍ୱ.ପ୍ର.)**

ଘସିପୁରା ବ୍ଲକ ୧୨ ନଂ ଜୋନର ୮ ଗୋଟି ପଞ୍ଚାୟତର ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ରାମଚନ୍ଦ୍ରପୁର, ଅଳତୀ, ଗଡ଼ବାନ୍ଧଗୋଡ଼ା, ପୁରୁଣାବାନ୍ଧଗୋଡା, ଗଁପୁର, ତରୁଆଁ, ଶାଳଦେଇ, ବାତୋ ପ୍ରଭୃତି ପଞ୍ଚାୟତର ୯୮୩ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇ କାର୍ଯ୍ୟାଦେଶ ପାଇଁ ସ୍ଥିର କରାଯାଇଛି। ସେଥିମଧ୍ୟରେ ଅନ୍‌ଲାଇନ୍‌ରେ ପଞ୍ଜୀକରଣ ହୋଇଥିବା ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଶନିବାର ଦୁଇଟି ସ୍ଥାନରେ ତରୁଆ ପଞ୍ଚାୟତ କାର୍ଯ୍ୟାଳୟରେ ଏବଂ ପଦନା ଛକ ହାଟପିଣ୍ଡିରେ ଏହି କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଘସିପୁରା ବିଡିଓ ଡ.ମଧୁସ୍ମିତା ସାମନ୍ତରାୟଙ୍କ ସଂଯୋଜନାରେ ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ନାୟକ, ବ୍ଲକ ପ୍ରୋଜେକ୍ଟ କୋଅର୍ଡିନେଟର ଗୁରୁପଦ ପାଲ, ପିଇଓ ମୁରଲୀଧର ସ୍ୱାଇଁ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହାୟକ ସୁରେଶ ସାହୁଙ୍କ ସମେତ ସମସ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସାମିଲ ଥିଲେ। ରାମଚନ୍ଦ୍ରପୁର ପୂର୍ବତନ ସରପଞ୍ଚ ମଦନ ମୋହନ ସାହୁ, ପ୍ରଭାତ ବରାଳ, ସୁଶାନ୍ତ ବିଶ୍ୱାଳ, ସରପଞ୍ଚ ଆରତୀ ବେହେରା, କାହ୍ନୁଚରଣ ନାୟକ, ପଦ୍ମନାଭ ଦାସ, ବଳରାମ ବେହେରା, ପ୍ରଦୀପ ଧୀରୀ, ଶାଳଦେଇ ସମିତି ସଭ୍ୟ ସ୍ମୃତିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

■ ଟାଟାସ୍ୱଞ୍ଜ ପଞ୍ଚସଖା ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଦେଓଝର ପଞ୍ଚାୟତ ଚାମ୍ପିୟନ


ଅତିଥିଙ୍କ ସହ ଚାମ୍ପିୟନ ଟିମର ଖେଳାଳି।

**ଯୋଡ଼ା,୨୭।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡାବ୍ଲକ ବିଲେଇପଦାସ୍ଥିତ ଟାଟାସ୍ୱଞ୍ଜ ଆଇରନ ଲିମିଟେଡର ଟାଟାସ୍ୱଞ୍ଜ ପଞ୍ଚସଖା ପକ୍ଷରୁ ଏକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ଜୁଲାଇ ୧୯ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଏହି ମ୍ୟାଚ ଆୟୋଜିତ ହୋଇଥିଲା। ଫାଇନାଲ ମ୍ୟାଚ ଅଁସେଇକଳା ଓ ଦେଓଝର ଗ୍ରାମ ପଞ୍ଚାୟତ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ଖେଳ ଅମୀମାଂଶିତ ହେବାରୁ ପେନାଲଟି ସୁଟ୍ ମାଧ୍ୟମରେ ଦେଓଝର ଗ୍ରାମ ପଞ୍ଚାୟତ ବିଜୟଲାଭ କରି ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ସମ୍ମାନିତ ଅତିଥି ଭାବେ ଟାଟା ସ୍ୱଞ୍ଜ ଅଧିକାରୀ ରାଘବନ ସୋମନାଥ, ସତ୍ୟ ନାରାୟଣ ନନ୍ଦ, ଟାଟାସ୍ୱଞ୍ଜ ଶ୍ରମିକ ସଂଘ ସଭାପତି ସଞ୍ଜୟ ମହାନ୍ତ, ରମେଶ ଚନ୍ଦ୍ର ବେହେରା, ଗଣପତି ୟୁଥ କ୍ଲବ, ବିରିକଳାର ସମ୍ପାଦକ ରଞ୍ଜିତ ନାଏକ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳ ସହିତ ସମସ୍ତ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ଅଁଶେଇକଳା ଗ୍ରାମ ପଞ୍ଚାୟତ ଦଳର ମାନସିଂ ପୂର୍ତ୍ତି, ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଦେଓଝର ଗ୍ରାମ ପଞ୍ଚାୟତ ଦଳର ମଧୁସୂଦନ ମୁଣ୍ଡା, ଶ୍ରେଷ୍ଠ ଗୋଲ ରକ୍ଷକ ଭାବେ ଦେଓଝର ଦଳର ଅରୁଣ ମୁଣ୍ଡା ଓ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ କଣ୍ଡରା ଗ୍ରାମ ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ଟାଟାସ୍ୱଞ୍ଜ ସିଏସଆର ଡେପୁଟି ମ୍ୟାନେଜର ତ୍ରିଲୋଚନ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ଶିବପ୍ରସାଦ ଦାସ, ରେଫରି ରାଜୁ ମହାନ୍ତି, ପ୍ରିୟବ୍ରତ ବାହିନିପତି, ଦିଗବିଜୟୀ ଦାସ, ଲକ୍ଷ୍ମୀପ୍ରସାଦ ନାଇଡୁ ଓ ଉତ୍କଳମଣି ବେହେରା ସୂଚାରୁ ରୂପେ ପରିଚାଳନା କରିଥିଲେ । କ୍ଷୀରୋଦ ଗିରି, ଭାଗିରଥୀ ପାତ୍ର ଓ ଘନ ମହାନ୍ତ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ ।

# କୃଷି ସଚେତନତା ତାଲିମ

**ହାଟଡିହୀ,୨୭।୭(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ମରିଗାଁ କୃଷି କାର୍ଯ୍ୟାଳୟରେ ବ୍ଲକ ସ୍ତରୀୟ କୃଷି ସଚେତନତା ତାଲିମ ଦିଆଯାଇଛି। ଏଥିରେ ଅଶୋକ କୁମାର ମହାପାତ୍ର, ଚନ୍ଦ୍ର ମୋହନ ପାତ୍ର, ଅଶୋକ କୁମାର ବିଶ୍ୱାଳ, ବିଜୟ କୁମାର ପ୍ରଧାନ, ନିରଞ୍ଜନ ରଥ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ରହି ସଚେତନତା କରାଇବା ସହ ତାଲିମ ଦେଇଥିଲେ। ଫଲ୍ ଆର୍ମି ଓର୍ମ ଏକ କ୍ଷତିକାରକ କୀଟ ଯାହାକି ଏବେ ଫସଲକୁ ବହୁ ମାତ୍ରାରେ ନଷ୍ଟ କରୁଛି। ଏହି କୀଟ ଦାଉରୁ ରକ୍ଷାପାଇବା ପାଇଁ ଚାଷୀ ଭିଏଡବ୍ଲ୍ୟୁ ଓ କୃଷକ ସାଥୀମାନଙ୍କୁ ସଚେତନ କରାଇଥିଲେ। କେଦାରନାଥ ଭୋଳ, ନିରଞ୍ଜନ ସାହୁ, ଉମେଶ ପ୍ରଧାନ, ଶାନ୍ତନୁ ଷଡ଼ଙ୍ଗୀ, ନିରୋଜା ନଳିନୀ ନାୟକ, ଗୁରୁବାରୀ ବେହେରା, ଶୋଭନା ପୁହାଣ, କାବେରୀ ମହାପାତ୍ର, ବ୍ରଜକିଶୋର ମୁଣ୍ଡା, ଦିଲୀପ ସାମଲ, ମନ୍ମଥ ମୁଣ୍ଡା ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ଆବାସ ଗୃହ ବଣ୍ଟନରେ ଅନିୟମିତତା


ଇଞ୍ଚୋଳ ଗ୍ରାମବାସୀଙ୍କର ବିଡିଓଙ୍କୁ ଅଭିଯୋଗପତ୍ର ପ୍ରଦାନ।

**ହିତାଧିକାରୀ ଦେଲେ ଅନଶନ ଚେତାବନୀ**

**ହାଟଡିହୀ, ୨୭।୭(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଇଞ୍ଚୋଳ ପଞ୍ଚାୟତରେ ଆବାସ ଗୃହ ପ୍ରଦାନରେ ବ୍ୟାପକ ଅନିୟମିତତା ହୋଇଥିବା ମଙ୍ଗଳବାର ହାଟଡିହୀ ବିଡିଓ ସୁଶାନ୍ତ କୁମାର ବାରିକଙ୍କ ନିକଟରେ ଅଭିଯୋଗ ହୋଇଛି। ଦୀର୍ଘ ଏକ ବର୍ଷ ପୂର୍ବରୁ ତା୧୯।୭।୨୦୧୮ରିଖରେ ଗ୍ରାମବାସୀମାନେ କେନ୍ଦୁଝର ଜିଲାପାଳ , ପିଡି ଓ ହାଟଡିହୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ପଞ୍ଚାୟତର ଲୋକ ପ୍ରତିନିଧି ମାନେ ଘର ଲୋକଙ୍କ ନାମରେ ଏକାଧିକ ଗୃହ ନେଇଥିବା, ରୋଷେଇ ଓ ଗୁହାଳ ଘର ଦେଖାଇ ବହୁ ବ୍ୟକ୍ତି ଆବାସ ଗୃହ ପାଇଥିବା ଓ ଧନୀ, ପକ୍କାଘର ଥିବା ବ୍ୟକ୍ତିଙ୍କୁ ଏହି ଗୃହ ପ୍ରଦାନ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। କିନ୍ତୁ କାହିଁକି ଦୀର୍ଘ ଏକ ବର୍ଷ ବିତିଯାଇଥିଲେ ବି ଅଭିଯୋଗ ଦିଗରେ ପଦକ୍ଷେପ ନିଆଯାଉନି ସେନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ସେହିପରି ଉଅଁର ପଞ୍ଚାୟତ ସରଳା ଗ୍ରାମର କପିଳ ଚନ୍ଦ୍ର ପରିଡା ନାମକ ଜଣେ ବ୍ୟକ୍ତି ଗରିବ ଦିନ ମଜୁରିଆ ଅଟନ୍ତି। ତାଙ୍କ ନାମ ଏସଇସିସି ତାଲିକାରେ ଅଛି। କିନ୍ତୁ ଚଞ୍ଚକତା କରି ତାଙ୍କୁ ଏହି ଗୃହ ପ୍ରଦାନରୁ ବଞ୍ଚିତ କରାଯାଇଛି। ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଆସନ୍ତା ଅଗଷ୍ଟ ୩ ତାରିଖ ସେ ଅନଶନରେ ବସିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି। ବିଡିଓ ସୁଶାନ୍ତ କୁମାର ବାରିକ କହିଛନ୍ତି ଯେ, ଅଭିଯୋଗ ଦିଗରେ ତଦନ୍ତ କରି ପଦକ୍ଷେପ ନେବେ। ସୂଚନାଯୋଗ୍ୟ ଯେ, ହାଟଡିହୀ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ଏସଇସିସି ତାଲିକାରେ ଗୁରୁତର ବିଭ୍ରାଟ ରହିଥିବାବେଳେ ଏଥିପ୍ରତି ପ୍ରଶାସନିକ ସ୍ତରରେ ଉଚିତ୍ ପଦକ୍ଷେପ ନିଆଯାଉ ନାହିଁ। ଯାହା ଫଳରେ ଦୈନିକ ଏନେଇ ବହୁ ଅଭିଯୋଗ ହେଉଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ‘ଆଲିଗଡ଼ର ତାଲା’ ଦେଇଛି ରୋଜଗାର

**କେନ୍ଦୁଝର, ୨୭।୭ (ସ୍ୱ.ପ୍ର.)**

ଆଗ୍ରହ ଓ ଉଦ୍ୟମ ଥିଲେ ରୋଜଗାରର ବାଟ ଦେଖାଦେବ । ଏଭଳି ରୋଜଗାର ପାଇଁ ଉତ୍ତରପ୍ରଦେଶର ଆଲିଗଡ଼ରୁ ଯୁବକମାନେ ଆସି କେନ୍ଦୁଝରରେ ତାଲା ବିକ୍ରି କରିବା ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିଛନ୍ତି। ଆଲିଗଡ଼ ତାଲା କାରଖାନା ପାଇଁ ପ୍ରସିଦ୍ଧ । ଏଠାରେ ଛୋଟ ବଡ ବହୁ ନାମୀଦାମୀ କମ୍ପାନୀର ତାଲା କାରଖାନା ରହିଥିବା ବେଳେ ଅନେକ ଲୋକ ହାତରେ ତାଲା ତିଆରି କରି ପେଟ ପୋଷୁଛନ୍ତି। ଏହି ତାଲାଗୁଡ଼ିକ ଦେଶର ବିଭିନ୍ନ ସ୍ଥାନକୁ ବିକ୍ରି ହେବାକୁ ଯାଇଥାଏ । ବଡ ବଡ କମ୍ପାନୀ ତାଲାକୁ ଭଲ ଭଲ ପ୍ୟାକେଟରେ ଭର୍ତ୍ତି କରି ଡିଲର ଜରିଆରେ ଦେଶର ବିଭିନ୍ନ ରାଜ୍ୟକୁ ପଠାଇ ବ୍ୟବସାୟ କରିଥାନ୍ତି। ତେବେ ଛୋଟ ଛୋଟ କମ୍ପାନୀଗୁଡ଼ିକ ଯୁବକମାନଙ୍କୁ କର୍ମନିଯୁକ୍ତିର ସୁଯୋଗ ଯୋଗାଇଦେବା ସହ ସେମାନଙ୍କ


ତାଲା ବିକୁଛନ୍ତି ଆଲିଗଡ଼ ବ୍ୟକ୍ତି।

ଜରିଆରେ ଦେଶରେ ତାଲା ବିକିଥାନ୍ତି। ଏହି ଯୁବକମାନେ ବିଭିନ୍ନ ରାଜ୍ୟକୁ ଯାଇ ତାଲା ବିକି ଦୁଇପଇସା ଲାଭ କରି ଘରକୁ ଫେରନ୍ତି। ସେମାନେ ପ୍ରତ୍ୟେକ ବର୍ଷ ଦୁଇ ଥର କେନ୍ଦୁଝରେ ଆସନ୍ତି। ଦିନରେ ରହି ବିଭିନ୍ନ ହାଟବଜାର ବୁଲି ତାଲା ବିକି ଫେରିଯାଆନ୍ତି। ଦିନକୁ ୩୦୦ ରୁ ୪୦୦ ଟଙ୍କା ଲାଭ ମିଳିଥାଏ ବୋଲି କୁହନ୍ତି ତାଲା ବ୍ୟବସାୟୀ ମହମ୍ମଦ ଚାନ୍ଦ ମଲ୍ଲିକ। ଘରଦ୍ୱାର ଛାଡି ବିଭିନ୍ନ ରାଜ୍ୟ ବୁଲି ବୁଲି ତାଲା ଚାବି ବିକ୍ରି କରିଥାନ୍ତି। ମାସେ/ଦୁଇ ମାସରେ ଘରକୁ ଚାଲିଯାଆନ୍ତି। ପୁଣି ଅନ୍ୟ ରାଜ୍ୟକୁ ଯାଇ ତାଲା ବିକିଥାନ୍ତି ବୋଲି କୁହନ୍ତି। ଓଡ଼ିଶା ବ୍ୟତୀତ ଝାଡ଼ଖଣ୍ଡ, ବିହାର, ଛତିଶଗଡ଼, ପଶ୍ଚିମବଙ୍ଗ ଆଦି ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଯାଇ ସେ ତାଲା ବିକିଥାନ୍ତି ବୋଲି କହିଛନ୍ତି। ସେମାନେ ୪/୫ ଜଣ ଗ୍ରୁପ ହୋଇ ଆସିଥାନ୍ତି। ଏକାଠି ଧର୍ମଶାଳାରେ ଗୋଟିଏ ରୁମ୍‌ରେ ରହି ଦିନରେ ବୁଲି ବୁଲି ତାଲା ବିକିଥାନ୍ତି ବୋଲି କହିଛନ୍ତି ୟୁନିସ ମଲ୍ଲିକ।

ପାଠପଢ଼ା ଯୋଗ୍ୟତା ସମସ୍ତଙ୍କର କମ୍ ଥିଲେ ହେଁ ପରିଶ୍ରମ କରି ପେଟ ପୋଷିବା ସେମାନଙ୍କ ଧର୍ମ ହୋଇଛି । ୧୫୦ଟଙ୍କାରୁ ୩୦୦ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ସାଇଜ ଓ କମ୍ପାନୀର ତାଲା ସେମାନେ ବିକିଥାନ୍ତି। ଏହି ତାଲା ବିକି ପରିବାର ଚଳାଇବା ପରମ୍ପରା ସେମାନଙ୍କର ବହୁ ପୁରୁଣା । ସେମାନଙ୍କ ବାପା ଦାଦା ମାନେ ଏହି କାମ କରିଆସୁଛନ୍ତି ଏବଂ ପରବର୍ତ୍ତୀ ପିଢ଼ି ମଧ୍ୟ ଏହି କାମ କରିବେ ବୋଲି ସେମାନଙ୍କ ବିଶ୍ୱାସ ରହିଛି ।